পাকিস্তানকু ৬ ৱিকেটরে হরাইলা ভারত





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୩୫ ● ୨୨ ସେପ୍ଟେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-235 ● 22nd September 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



भारत सरकार GOVERNMENT OF BHARAT

सत्यमेव जयते

## ନବରାତ୍ରିର ପବିତ୍ର ଅବସରରେ

# GST ସଞ୍ଚୟ ଉତ୍ସବ

## ର ଶୁଭାରମ୍ଭ

### ଆଜିଠାରୁ ସାରା ଦେଶରେ GSTର କମ୍ ଦର ଲାଗୁ

**ଅଧିକାଂଶ ନିତ୍ୟବ୍ୟବହାର୍ଯ୍ୟ ବସ୍ତୁ ଉପରେ GST 0% କିମ୍ବା 5%**

**ଏବେ ମୁଖ୍ୟତଃ କେବଳ 2ଟି ଟିକସ ସ୍ଲାବ୍**



### 99% ବସ୍ତୁ ଏବଂ ସେବା ଟିକସମୁକ୍ତ ହୋଇଛି କିମ୍ବା ସେଗୁଡିକ ଉପରେ 5% କିମ୍ବା 18% ଜିଏସ୍‌ଟି ଲାଗୁ ହୋଇଛି

| | ପୂର୍ବରୁ ଦର | ନୂଆ ଦର | ସଞ୍ଚୟ |
|---|---|---|---|
| ତେଜରାତି ସାମଗ୍ରୀ | 18/12/5% | ଶୂନ/5% | 13% ପର୍ଯ୍ୟନ୍ତ ସଞ୍ଚୟ |
| ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ | 18/12% | ଶୂନ/5% | 13% ପର୍ଯ୍ୟନ୍ତ ସଞ୍ଚୟ |
| ପୋଷାକ ଏବଂ ଜୋତା | 12% | 5% | 7% ପର୍ଯ୍ୟନ୍ତ ସଞ୍ଚୟ |
| ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା | 18% | ଶୂନ | 18% ପର୍ଯ୍ୟନ୍ତ ସଞ୍ଚୟ |
| ଔଷଧ | 12% | ଶୂନ/5% | 7-12% ପର୍ଯ୍ୟନ୍ତ ସଞ୍ଚୟ |
| ଷ୍ଟେସନାରୀ | 5/12% | ଶୂନ/5% | 7% ପର୍ଯ୍ୟନ୍ତ ସଞ୍ଚୟ |

### ଏସବୁ ଉପରେ ମଧ୍ୟ ଜିଏସ୍‌ଟି ଦର ହ୍ରାସ

| ଟ୍ରାକ୍ଟର (୧୮୦୦ ସିସି ପର୍ଯ୍ୟନ୍ତ) | ଛୋଟ କାର୍ (୧୫୦୦ ସିସି ପର୍ଯ୍ୟନ୍ତ) | ବାଇକ୍/ସ୍କୁଟର (୩୫୦ ସିସି ପର୍ଯ୍ୟନ୍ତ) | ଟେଲିଭିଜନ | ଏୟାର କଣ୍ଡିସନର |
|---|---|---|---|---|
| ସଞ୍ଚୟ: ପାଖାପାଖି ₹ ୪୦,୦୦୦ | ସଞ୍ଚୟ: ପାଖାପାଖି ₹ ୭୦,୦୦୦ | ସଞ୍ଚୟ: ପାଖାପାଖି ₹ ୮,୦୦୦ | ସଞ୍ଚୟ: ପାଖାପାଖି ₹ ୩,୫୦୦ | ସଞ୍ଚୟ: ପାଖାପାଖି ₹ ୨,୮୦୦ |



### ଏବେ ପ୍ରତ୍ୟେକ ଘରେ ଅଧିକ ସଞ୍ଚୟ ଏବଂ ଭରପୂର ଖୁସି

"ନୂତନ ଜିଏସ୍‌ଟି ସଂସ୍କାର ଦ୍ୱାରା ଦେଶର ପ୍ରତ୍ୟେକ ପରିବାରକୁ ବିପୁଳ ଲାଭ ମିଳିବ। ଗରିବ, ନୂତନ-ମଧ୍ୟବିତ୍ତ, ମଧ୍ୟବିତ୍ତ, ଚାଷୀ, ମହିଳା, ଛାତ୍ରଛାତ୍ରୀ, ଯୁବବର୍ଗ, ସମସ୍ତଙ୍କୁ ଜିଏସ୍‌ଟି ଟିକସ ହ୍ରାସର ଅନେକ ଲାଭ ମିଳିବ।"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

### ଜିଏସ୍‌ଟି- ଆହୁରି ଉନ୍ନତ, ଏବଂ ସରଳ

କମ୍ ଦର ଏବଂ ଅନ୍ୟ ମାଲ୍ ଓ ସେବା ଟିକସ ପରିବର୍ତ୍ତନର ସମ୍ପୂର୍ଣ୍ଣ ତାଲିକା ପାଇଁ ଦୟାକରି ସ୍କାନ୍ କରନ୍ତୁ।

@cbic_india @cbicindia @CBICINDIA @cbicindia @CBICIndia www.cbic.gov.in

CBC 15502/13/0020/2526





# ବୁଲା ଗାଈଗୋରୁ ରାସ୍ତା ଉପରକୁ ଆସିଲେ କାଞ୍ଜିଆ ହୁଦାରେ ଭର୍ତ୍ତି କରାଯିବ : ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ପୌର ପରିଷଦର ସୋନପୁର ସହରର ସମସ୍ତ ମୁଖ୍ୟ ରାସ୍ତା ତଥା ଗଳି ମାନଙ୍କରେ ବୁଲୁଥିବା ଗାଈ ଗୋରୁ ମାନଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି କରିବା ପୂର୍ବରୁ ବୁଲା ଗାଈ ଗୋରୁଙ୍କ ମାଲିକ ମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ସହରର ନଳିନୀ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଶ୍ମି ମାଝୀ




ଏବଂ ସହରର ବୁଦ୍ଧିଜୀବୀ ଗୋବିନ୍ଦ ମହାରଣାଙ୍କ ସମେତ ପୌର ପରିଷଦର କର୍ମଚାରୀ ତଥା ସୋନପୁର ସହରର ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୋନପୁର ସହରରେ ବୁଲା ଗାଈଗୋରୁମାନଙ୍କ ମାଲିକ ମାନଙ୍କୁ ଅନୁରୋଧ କରିଥିଲେ ଯେ ନିଜ ନିଜ ଗାଈଗୋରୁମାନଙ୍କୁ ରାସ୍ତାରେ ନ ଛାଡ଼ି ନିଜ ନିଜ ଘରେ ଓ ଗୁହାଳ ମାନଙ୍କରେ ରଖି ସେବା ଯତ୍ନ ନେବା ସଙ୍ଗେ ସଙ୍ଗେ ସୋନପୁର ସହରରେ ଗାଈଗୋରୁଙ୍କ ଦ୍ୱାରା ହେଉଥିବା ଟ୍ରାଫିକ ସମସ୍ୟା ଦୂର କରିବାରେ ପ୍ରଶାସନକୁ ସହଯୋଗ କରିବା ହେବେ । ପ୍ରଥମେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବା ପରେ ଯଦି ବୁଲା ଗାଈଗୋରୁ ମାନଙ୍କ ମାଲିକ ମାନେ ସେମାନଙ୍କର ଗାଈଗୋରୁ ମାନଙ୍କୁ ନିଜ ଘରେ ଓ ଗୁହାଳରେ ନ ରଖି ରାସ୍ତାରେ ଛାଡନ୍ତି, ତେବେ ଜିଲ୍ଲା ପ୍ରଶାସନ, ସୋନପୁର ପୌର ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନଙ୍କ ମିଳିତ ଉଦ୍ୟମରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାଞ୍ଜିଆ ହୋଦାରେ ଭର୍ତ୍ତି କରାଯିବ । ନିୟମାନୁଯାୟୀ ସଂପୃକ୍ତ ଗାଈଗୋରୁ ମାନଙ୍କ ମାଲିକ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ ଗାଈଗୋରୁ ମାନଙ୍କୁ ନ ମୁକୁଳାଇବେ ତେବେ ଆବଶ୍ୟକ ସ୍ଥଳେ ଓଡିଶା ପୌର ଆଇନ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପୂର୍ବକ ପ୍ରକାଶ୍ୟ ନିଲାମ କରାଯିବ ବୋଲି ସଚେତନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମ ସାତଦିନ ସୋନପୁର ସହରର ବିଭିନ୍ନ ଛକ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବାବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ସହରର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ବାଚନ ଆୟୁକ୍ତଙ୍କର ସମୀକ୍ଷା ବୈଠକ

# ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିବାକୁ ନିର୍ବାଚନ କମିଶନରଙ୍କ ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ**

ରାଜ୍ୟ ନିର୍ବାଚନ ଆୟୁକ୍ତ, ଓଡ଼ିଶା ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଏବଂ ଦୁଇଜଣ ଉପ ଜିଲ୍ଲାପାଳ ଉପସ୍ଥିତ ଥିଲେ । ବୈଠକରେ ପୂର୍ବତନ ପଞ୍ଚାୟତିରାଜ ନିର୍ବାଚନ – ୨୦୨୨ରେ ପି.ଆର.ଆଇ. ସଦସ୍ୟମାନଙ୍କ ଆରକ୍ଷଣ ସ୍ଥିତି, ଜିଲ୍ଲାଭିତ୍ତିକ ନିର୍ବାଚନ ପର୍ଯ୍ୟାୟୀକରଣ, ସମ୍ବେଦନଶୀଳ, ଅଣସମ୍ବେଦନଶୀଳ ବୁଥ, ମତଦାନକେନ୍ଦ୍ରର ଶ୍ରେଣୀକରଣ, ମତଗଣନା ବ୍ୟବସ୍ଥା, ଡି.ସି. ବିଲ୍ ଓ ୟୁ.ସି. ଦାଖଲ, ଏସ.ଇ.ସି./ ଇ.ସି.ଆଇ. ବାଲଟ୍ ବକ୍ସ ଏବଂ ଅତିରିକ୍ତ ବାଲଟ୍ ବକ୍ସର ଉପଲବ୍ଧତା ଓ ପଞ୍ଚାୟତିରାଜ ସଦସ୍ୟଙ୍କର ଖାଲି ପଡ଼ିଥିବା ପଦଗୁଡିକର ସ୍ଥିତି ବିଷୟରେ ଆଲୋଚନା କରାଗଲା । ସେହିପରି, ନଗରପାଳିକା ନିର୍ବାଚନ – ୨୦୨୨ ସମ୍ବନ୍ଧରେ ଆଉ ନସିଲର ଓ ଅଧ୍ୟକ୍ଷଙ୍କ ଆରକ୍ଷଣ ସ୍ଥିତି, ପୋଲିଙ୍ଗ ଷ୍ଟେସନ୍‌ର ନିର୍ଦ୍ଧାରଣ, ମତଦାନ ପ୍ରତିଶତ, ଆଗାମୀ ନଗରପାଳିକା ନିର୍ବାଚନ ପାଇଁ ତହବିଲ ଆବଣ୍ଟନ, ଇ.ଭି.ଏମ୍‌ର ଉପଲବ୍ଧତା ଓ ଶୂନ୍ୟ ପଡିଥିବା ପଦର ସ୍ଥିତି ବିଷୟରେ ଆଲୋଚନା କରାଗଲା । ବୈଠକରେ ପୂର୍ବତନ ପଞ୍ଚାୟତିରାଜ ଓ ନଗରପାଳିକା ନିର୍ବାଚନରେ ସମ୍ମୁଖୀନ ହୋଇଥିବା ସମସ୍ୟାଗୁଡ଼ିକର ପୁନର୍ବିଶ୍ଳେଷଣ କରାଯାଇଥିଲା । ଆଗାମୀ ନିର୍ବାଚନରେ ସେଗୁଡ଼ିକର ସମାଧାନ କରିବାକୁ ପ୍ରୟୋଜନୀୟ ପଦକ୍ଷେପ ନେବାକୁ ନିଷ୍ପତ୍ତି ହେଲା ।

ଆଗାମୀ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧରେ ସ୍ୱତନ୍ତ୍ର ଓ ୱାର୍ଡ-ଭିତ୍ତିକ ମତଦାତା ତାଲିକା ପ୍ରସ୍ତୁତ କରିବା, ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା, ସମୟରେ ନିର୍ବାଚନ ସାମଗ୍ରୀ ପ୍ରାପ୍ତି ସୁନିଶ୍ଚିତ କରିବା ଏବଂ ସୁଚାରୁ ଭାବରେ ନିର୍ବାଚନ ପରିଚାଳନା କରିବାକୁ ରାଜ୍ୟ ନିର୍ବାଚନ କମିଶନର ଗୁରୁତ୍ୱ ଆରୋପ କରିଥିଲେ ।

ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନଗରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର–ବ୍ରହ୍ମପୁର ରେଳ ସେକ୍ସନରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ନିରୀକ୍ଷଣ

# ଟ୍ରେନ ଚଳାଚଳ ପାଇଁ ନିରାପତ୍ତା ଦିଗ ସହ ଅମୃତ ଭାରତ ଷ୍ଟେସନକୁ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର – ବ୍ରହ୍ମପୁର ରେଳ ସେକ୍ସନର ସମଗ୍ର ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି । ନିରୀକ୍ଷଣ ସମୟରେ ସେ ବ୍ରହ୍ମପୁର ଓ ବାଲୁଗାଁ ରେଳଷ୍ଟେସନରେ ଚାଲିଥିବା ଅମୃତ ଷ୍ଟେସନ ପୁନର୍ବିକାଶ ପ୍ରକଳ୍ପର ପ୍ରଗତିକୁ ସମୀକ୍ଷା କରିଛନ୍ତି । ଏଥି ସହିତ, ଯାତ୍ରୀଙ୍କ ସୁବିଧାର ସୁଧାରଣୀୟ ବିଭିନ୍ନ ବ୍ୟବସ୍ଥାକୁ ବିଭିନ୍ନ ଷ୍ଟେସନରେ ନିରୀକ୍ଷଣ କରିଛନ୍ତି । ଶ୍ରୀ ଫୁଙ୍କୱାଲ ଟ୍ରେନ ପରିଚାଳନା ଓ ଆଧାରଯୁକ୍ତ ସଂରଚନା ସମ୍ବନ୍ଧୀୟ ନିରାପତ୍ତା ବ୍ୟବସ୍ଥାଗୁଡିକୁ ମଧ୍ୟ ନିରୀକ୍ଷଣ କରିଥିଲେ ।




ମହାପ୍ରବନ୍ଧକ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଚାଲୁରହିଥିବା କାର୍ଯ୍ୟଗୁଡିକୁ ଶୀଘ୍ରତାର ସହିତ ସମ୍ପନ୍ନ କରିବାକୁ ଓ ନିର୍ଦ୍ଧାରିତ ସମୟସୀମାରେ କାର୍ଯ୍ୟ ସମାପ୍ତ ପାଇଁ ପ୍ରୟାସ କରିବାକୁ, ଯାହାଦ୍ୱାରା ଯାତ୍ରୀ ସୁବିଧା ଓ ନିରାପତ୍ତାରେ ଅଧିକ ଗୁରୁତ୍ୱ ଦିଆଯିବ । ଏହି ନିରୀକ୍ଷଣରେ ତାଙ୍କ ସହିତ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ, ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରଧାନ ମୁଖ୍ୟାଧ୍ୟକ୍ଷମାନେ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଫୁଂକୱାଲଙ୍କୁ ଏହି ନିରୀକ୍ଷଣ ସମୟରେ ସହାୟତା କରିଥିଲେ ।

# ୧୦୯ ଲିଟର ବିଦେଶୀ ମଦ ଜବତ : ୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ନିକିରେଇ, ପଟ୍ଟାମୁଣ୍ଡାଇ ଟାଉନ, ମାର୍ଶାଘାଇ ଓ କୁଦାନଗରୀ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଢୋଲ ଗ୍ରାମର ଭଗବାନ ମଲ୍ଲିକଠୁ ୩୩ ଲିଟର ବିଦେଶୀ ମଦ, ଚନ୍ଦନପୁର ଗ୍ରାମର ଲକ୍ଷ୍ମୀପ୍ରିୟା କରଙ୍କଠୁ ୨୭ ଲିଟର ବିଦେଶୀ ମଦ, ଧନିଆପଡ଼ା ଗ୍ରାମର ସରୋଜ ମହାନ୍ତିଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଏବଂ ବେହୁଲ ଗ୍ରାମର ରମେଶ ଚନ୍ଦ୍ର ମୋହାଲିକଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୦୯ ଲିଟର ବିଦେଶୀ ମଦ ଜବତ କରାଯାଇ ଅଛି । ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ଉରେ ଅବକାରୀ





ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# କୁଡୁମିଙ୍କୁ ପୁନଃ ଆଦିବାସୀ ମାନ୍ୟତା ଦାବିରେ ରେଳ ରୋକ

**ବାରିପଦା, ନ୍ୟୁଜ ବ୍ୟୁରୋ**

କୁଡମୀ ସମ୍ପ୍ରଦାୟକୁ ପୁନଃ ଆଦିବାସୀ ତାଲିକାଭୁକ୍ତ କରିବା ଦାବିରେ ଆଦିବାସି କୁଡୁମି ମହାସଂଘ ପକ୍ଷରୁ ରେଳ ରୋକ କରିଛନ୍ତି । କର୍ମକର୍ତ୍ତା ମାନେ ଭଞ୍ଜପୁର ରେଳ ଷ୍ଟେସନ ଠାରେ ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନକୁ ଅଟକାଇଥିଲେ । ସୂଚନା ଅନୁଯାୟୀ, କୁଡୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦାବି ଏବଂ କୁଡୁମାଲି ଭାଷାକୁ ସାମ୍ବିଧାନିକ ଭାଷା ମାନ୍ୟତା ଦାବିରେ ପକ୍ଷରୁ ରେଳ ରୋକ କରାଯାଇଛି । କୁଡୁମି ସମ୍ପ୍ରଦାୟକୁ ପୁନର୍ବାର ଆଦିବାସୀ ତାଲିକାଭୁକ୍ତ ପାଇଁ କୁଡୁମି ଜନଜାତିର ପ୍ରିମିଟିଭ ଟ୍ରାଇଟ୍ସ, ଡିସ୍ଟିଙ୍କ୍ଟିଭ କଲଚର, ଜିଓଗ୍ରାଫିକାଲ ଆଇସଲେସନ ଓ ସାୟନେସ ଅଫ କଣ୍ଟାକ୍ଟ ସର୍ଭେ ପ୍ରଦାନ କରିବାକୁ ଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ରିପୋର୍ଟ ପ୍ରଦାନ କରାଯାଇନାହିଁ । ଯାହାର ବ୍ୟତିକ୍ରମରୁ ଆଦିବାସି ମାନ୍ୟତା ମିଳି ପାରୁନାହିଁ । ଏହି ଆନ୍ଦୋଳନ ସ୍ଥଳରେ ତହସିଲଦାର ଓ ପୁଲିସ ପହଁଚି ଆଲୋଚନା କରିବା ପରେ ସ୍ଥଗିତ ହୋଇଛି ।

## ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ ପାଳିତ

# ପ୍ଲାଷ୍ଟିକ୍ ପ୍ରଦୂଷଣର ହାନିକାରକ ପ୍ରଭାବ ଓ ପରିବେଶ ସୁରକ୍ଷାରେ ସମସ୍ତଙ୍କ ସାମୂହିକ ଭୂମିକା ଅଛି : ଜିଲ୍ଲାପାଳ

**ବାଲେଶ୍ୱର, ନ୍ୟୁଜ**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦଙ୍କ ସୁପାରିସ କ୍ରମେ ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଚାନ୍ଦିପୁର ବେଳାଭୂମିରେ "ଆନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ – ୨୦୨୫" ଉତ୍ସାହପୂର୍ଣ୍ଣ ଭାବରେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଲେ । ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପ ଜିଲ୍ଲାପାଳ, ସଦର ଶିବ ମାଲବ୍ୟ, (ବାଲେଶ୍ୱର ବନଖଣ୍ଡ ଅଧିକାରୀ, ପ୍ରଫୁଲ୍ଲ ମଲ୍ଲିକ, ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମ୍ଳାନ ନାୟକ,




ଡିଏସ୍‌ଡବ୍ଲ୍ୟୁଓ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ,ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ ଜେନା, ସାମୁଦ୍ରିକ ପୋଲିସ ଥାନାର ଆଇଆଇସି, ବିଭିନ୍ନ ସାମାଜିକ ସଂଗଠନ, ହୋଟେଲ୍ ସଂଘ, ପଞ୍ଚାୟତ ପ୍ରତିନିଧି, ଓଟିଡିସି ପନ୍ଥନିବାସ ପ୍ରବନ୍ଧକ ଏବଂ ବାଲେଶ୍ୱର ସ୍କୁଲ ଅଫ୍ ଇଞ୍ଜିନିୟରିଂର ୮୦ ଛାତ୍ର-ଛାତ୍ରୀ ଓ ଅଧ୍ୟାପକ/କର୍ମଚାରୀମାନେ ଯୋଗ ଦେଇଥିଲେ । ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ଇଞ୍ଜି. ଏମ.ଏମ. ମୁର୍ମୁଙ୍କ ସ୍ୱାଗତ ଉଦ୍‌ବୋଧନ ସହିତ କାର୍ଯ୍ୟକ୍ରମର ଆରମ୍ଭ ହେଲା । ପରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ବିକାଶ ତାଙ୍କର ସମ୍ବୋଧନରେ ସମୁଦ୍ରତଟ ପରିଚ୍ଛନ୍ନର ପ୍ରାସଙ୍ଗିକତା, ପ୍ଲାଷ୍ଟିକ୍ ଦୂଷଣର ହାନିକାରକ ପ୍ରଭାବ ଓ ପରିବେଶ ସୁରକ୍ଷାରେ ସମସ୍ତଙ୍କ ସାମୂହିକ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଏହାପରେ ସମସ୍ତ ଅତିଥି ଓ ଅଂଶଗ୍ରାହୀମାନେ "ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧରେ ଓଡ଼ିଶାର ମାନଚିତ୍ର ଆକାରରେ ମାନବ ଶୃଙ୍ଖଳା ଗଠନ କରି ସଚେତନତା ସନ୍ଦେଶ ପ୍ରସାର କରିଥିଲେ । ଡ୍ରୋନ୍ ଦ୍ୱାରା ଫଟୋଗ୍ରାଫି, ଏସ୍‌ଏଚ୍‌ଜି ଦଳଙ୍କ ଦ୍ୱାରା "ବ୍ୟାନ୍ ଅନ୍ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍" ରଙ୍ଗୋଳି ପ୍ରସ୍ତୁତ, ସମୁଦ୍ରତଟ ସଫାଇ ଅଭିଯାନ ଓ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା । ବନ ବିଭାଗ ଦ୍ୱାରା ଏକ ସୁନ୍ଦର ବାଲୁକା ଚିତ୍ରକଳା ପ୍ରସ୍ତୁତ ହୋଇ ତାହା ମାଧ୍ୟମରେ ସାମୁଦ୍ରିକ ଜୀବଙ୍କ ଉପରେ ପ୍ରଦୂଷଣର କୁପ୍ରଭାବ ବିଷୟରେ ସଚେତନତା ଦିଆଗଲା । ଅନେକ ସ୍ୱେଚ୍ଛାସେବୀ, ଅଧିକାରୀ ଓ ଛାତ୍ରମାନେ ବେଳାଭୂମିରେ ଆବର୍ଜନା ସଂଗ୍ରହ କରି ନିର୍ଦ୍ଧାରିତ ଡଷ୍ଟବିନ୍‌ରେ ପକାଇଥିଲେ । ସମସ୍ତଙ୍କ ଦ୍ୱାରା ପରିବର୍ତ୍ତିତ ମହୋଦଧି ବାର୍ତ୍ତା ପ୍ରଚାରିତ ହେଲା । ପ୍ରାୟ ୨୫୦ ଜଣ ଅଂଶଗ୍ରାହୀ ଏହି କାର୍ଯ୍ୟକ୍ରମରେ ସମ୍ମିଳିତ ହୋଇଥିଲେ ।

# ପାରିବାରିକ କଳହକୁ ନେଇ ଦୁଇ ପିଲାଙ୍କୁ ଧରି ଟ୍ରେନ୍ ଆଗକୁ ଡେଇଁଲା ମା'

## ପୁଅ ମୃତ; ବର୍ତ୍ତିଗଲା ଝିଅ, ମହିଳା ଗୁରୁତର

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**


ରେଳଧାରଣାରେ ଶିଶୁପୁତ୍ରର ମୃତଦେହ । ଗୁରୁତର ଅବସ୍ଥାରେ ଶିଶୁର ମା' ଛଟପଟ ହେଉଥିବା ବେଳେ ମହିଳାଙ୍କର ନାବାଳିକା ଝିଅର ବଞ୍ଚାଅ ବଞ୍ଚାଅ ଚିତ୍କାର କରିଥିଲା । ହେଲେ ଦୁର୍ଗମ ଅଞ୍ଚଳର ନିର୍ଜନ ସ୍ଥାନରେ ଶିଶୁପୁତ୍ରର ମୃତଦେହକୁ ନେବ କିଏ ଗୁରୁତର ମହିଳା ଓ ଶିଶୁପୁତ୍ରଙ୍କୁ ଉଦ୍ଧାର କରିବ କିଏ ? ମା' ଓ ପୁଅଙ୍କୁ ଉଦ୍ଧାର କରି ହସ୍‌ପିଟାଲ ନେବା ପାଇଁ ଲୋକ ନାହାନ୍ତି । କିନ୍ତୁ କଥାରେ କୁହାଯାଏ ଯେ, ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ । ଏହି ଉକ୍ତିର ସତ୍ୟତା ଯାଜପୁର ଜିଲ୍ଲାରେ ଦେଖିବାକୁ ମିଳିଛି । ଜୀବନ ହାରିବାକୁ ଚାହିଁଥିଲେ ମଧ୍ୟ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଦୁଇ ଅମୂଲ୍ୟ ଜୀବନକୁ ଉଦ୍ଧାର କରି ଟ୍ରେନ୍‌ର ଲୋକୋ ପାଇଲଟ୍ ମାଲଗାଡ଼ିର ପଛରେ ଥିବା କ୍ୟାବିନ୍‌ରେ ନେଇ ଡାକ୍ତରଖାନାରେ ପହଞ୍ଚାଇଛନ୍ତି । ପାରିବାରିକ ଜଞ୍ଜାଳ କିମ୍ବା କଳହକୁ ଆଳ କରି ଜଣେ ସ୍ଥାନୀୟ ଆଦିବାସୀ ମହିଳା ନିଜ ଶିଶୁପୁତ୍ର ଓ ନାବାଳିକା ଝିଅଙ୍କୁ ସାଥୀରେ ଧରି ଏକ ମାଲବାହୀ ଟ୍ରେନ୍ ଆଗକୁ ଡେଇଁଥିଲେ । ସୁକିନ୍ଦା-ତାଳଚେର ରେଳପଥର ଦାମୋଦରପୁର ଗାଁ ହଂସୀପୋଖରୀ ପାଖ ରେଳଧାରଣା ଉପରକୁ ମହିଳା ଜଣକ ଏକ ମାଲଗାଡ଼ି ଟ୍ରେନ୍ ଆଗକୁ ଡେଇଁଥିଲେ । ମାଲଗାଡ଼ିଟି ଶିଶୁପୁତ୍ରକୁ ଚାପି ଦେଇଥିଲା । ତେବେ ଲୌହଦାନବ ମହିଳାଙ୍କୁ ଆଘାତ ଦେଇଥିଲା, ଯେଉଁଥିରେ ସେ ଶକ୍ତ ଧକ୍କା ଖାଇଥିଲେ । ଟ୍ରେନ୍‌ଟି ଆଗକୁ ବଢ଼ିଲା ପରେ ମହିଳା ଜଣକ ସେଠାରେ ଗୁରୁତର ହୋଇ ପଡ଼ିଥିଲେ । ଖୁସିର କଥା ହେଲା ନାବାଳିକା ଅକ୍ଷତେ ବର୍ତ୍ତି ଯାଇଥିଲା । ସେ କେବଳ କାନ୍ଦୁଥିଲା । କ୍ରନ୍ଦନରତ ନାବାଳିକାକୁ କୋଳରେ ଧରି ମା' ମଧ୍ୟ କାନ୍ଦୁଥିଲେ ।

ଏହି ଅପ୍ରୀତିକର ଘଟଣା ପରେ ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ତାଳଚେର ପାର୍ଶ୍ୱରୁ ଅନ୍ୟ ଏକ ମାଲବାହୀ ଟ୍ରେନ୍ ସୁକିନ୍ଦା ଅଭିମୁଖେ ଯାଉଥିଲା । ଏହି ଟ୍ରେନ୍‌ର ଲୋକୋ ପାଇଲଟ୍ ଦେଖିଲେ ଯେ, ରେଳଧାରଣା ଉପରେ ଜଣେ ମହିଳା ନିଜର କ୍ଷତାକ୍ତ ଝିଅକୁ ଧରି କାନ୍ଦୁଛନ୍ତି । ପାଖରେ ପୁଅର ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଛି । ସେ ଟ୍ରେନ୍‌କୁ ଅଟକାଇଲେ । ଲୋକଙ୍କୁ ଡାକ ପକାଇଥିଲେ । କିନ୍ତୁ ଖଣି-ଖାଦାନରେ ପରିପୂର୍ଣ୍ଣ ସୁକିନ୍ଦା ଅଞ୍ଚଳରେ ସଡ଼କ ବ୍ୟବସ୍ଥା ଠିକ ନଥିବା ଏବଂ ମହିଳାଙ୍କ ଅବସ୍ଥା ଗୁରୁତର ଜାଣି ସେହି ଟ୍ରେନର ପଛ ଡବାରେ ମା'ଝିଅଙ୍କୁ ନେଇ ସୁକିନ୍ଦାଗଡ଼ ଷ୍ଟେସନ ପହଞ୍ଚାଇଥିଲେ । ସେଠାରୁ ମହିଳା ଓ ନାବାଳିକାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ମହିଳାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବିଭାଗୀୟ ସୂଚନା ମିଳିଛି । ଏହି ମହିଳାଙ୍କ ଘର ପୁବଳ ଗାଁରେ ବୋଲି ଶୁଣିବାକୁ ମିଳୁଛି ।

## ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ


**ତା୨୨।୯।୨୦୨୫, ଆଶ୍ୱିନ ଦି୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୫।୧୯ ଚନ୍ଦ୍ରୋଦୟ- ନାସ୍ତି**


**ପ୍ରତିପଦ-** ରାଘ ୨।୫୬ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର-** ଦିଘ ୧୧।୨୫ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୨।୫୬ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୭।୦୯ ମଧ୍ୟେ । ଦିଘ ୮।୫୨ ଗତେ ଘ ୧୧।୧୫ ମଧ୍ୟେ । **ପର୍ବୋତ୍ସବ-** ଶାରଦୀୟ ନବରାତ୍ରୀ ଆରମ୍ଭ, ମା' ବିରଜାଙ୍କ ସିଂହଧ୍ୱଜ ରଥ ପ୍ରତିଷ୍ଠା ଓ ଚାଳନା, ଶ୍ରୀମନ୍ଦିରେ ଦୁର୍ଗା ମାଧବଙ୍କ ବାହାର ବିଜେ, ମହାରାଜା ଅଗ୍ରସେନ ଜୟନ୍ତୀ ।




**ମେଷ:** କର୍ମ କ୍ଷେତ୍ରରେ ବିରକ୍ତି ଭାବ ପ୍ରକାଶ ପାଇବ,ସାମାଜିକ ସ୍ତରରେ ଅସମ୍ମାନୀୟ ସୂଚନା,ପାରିବାରିକ କ୍ଷେତ୍ରରେ କଳହ ଦେଖାଦେବ,ଆୟ ସ୍ଥିର ରହିବ,ମନରେ ଦୁର୍ଭାବନା ଜାତ ହେବ,ମନ ଅସ୍ଥିର ରହିବ ।




**ବୃଷ:** କର୍ମକ୍ଷେତ୍ରରେ ଶାରୀରିକ ତ୍ରୁଟି ଦେଖାଦେବ,କାର୍ଯ୍ୟହାନିର ଆଶଙ୍କା,ଆୟ ଓ ବ୍ୟୟ ସମାନ ରହିବ,ଯାତ୍ରାରେ ଅସଫଳ,ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ,ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ନାହିଁ ।



**ମିଥୁନ:** ଗୁରୁତର ଭାବରେ କର୍ମକୁ ଆଦରି ନେବେ,ପରିଶ୍ରମର ପରିମାଣ ବଢିବ,ସହକର୍ମୀମାନେ ଆପଣଙ୍କଠାରୁ ଦୂରେଇ ରହିବେ,ଦୂରଯାତ୍ରାରେ ସଫଳତା ଦେଖାଦେବ,ଗୃହେ ଶାନ୍ତି ଲାଭ,ରୋଜଗାର ସ୍ଥିର ରହିବ ।



**କର୍କଟ:** ଅଯଥା ଦୁଶ୍ଚିନ୍ତା ଓ ଅପବ୍ୟୟର ଯୋଗ ରହୁଛି, ଯାନବାହାନ ଯାତ୍ରା ପାଇଁ ଆଜି ଦିନଟି ଭଲ ନୁହେଁ, ଉତ୍ତମ ଭୋଜନର ଆପାୟିତ ହେବେ, ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।




**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ପାଇବାର ସୂଚନା,ବନ୍ଧୁଙ୍କ ସହଯୋଗ ମଧ୍ୟ ମିଳିବ,ଦୂରଯାତ୍ରା ସଫଳ ହେବ,ଆୟ ଓ ବ୍ୟୟର ପରିମାଣ ସମାନ ରହିବ,ଗୃହେ ଅଶାନ୍ତି ଦେଖାଦେବ,ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ ।




**କନ୍ୟା:** ରୋଜଗାର ପରିମାଣ ସ୍ଥିର ରହିବ,କାମର ଶିକାର ହୋଇପାରନ୍ତି,ବିତିଯାଇଥିବା କଥା ମନେପକାଇ ଦୁଃଖିତ ଓ ଅନୁତପ୍ତ ହେବେ,ବହୁ ସମୟ ଅନ୍ୟମନସ୍କ ରହିବେ,ପାରିବାରିକ ସହଯୋଗ ମନକୁ ଆନନ୍ଦ ଦେବ ।



**ତୁଳା:** କର୍ମକ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଅଭୁଲା ହେବ,ଦେହ ଭଲ ରହିବ,ଆଶ୍ୱସ୍ତିର ସୁଖ ଅନୁଭବ କରିବେ,ଆତ୍ମା ସ୍ଥିର ରହିବ,ଘରେ ଆପଣଙ୍କୁ ଆଦର କରିବେ,ମହିଳାମାନେ ସୁଖୀ ହେବେ ।




**ବିଛା:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ଲାଭ କରିବେ,ନିସ୍ୱାର୍ଥ ସ୍ୱଭାବର ପରିପ୍ରକାଶ ହେବ,ରୋଜଗାରର ପରିମାଣ ବଢିବ,ଗୃହରେ ସୁସ୍ଥତା ଅନୁଭବ କରିବେ,ଉତ୍ତମ ଭୋଜନରେ ଆପାୟିତ ହେବେ ସୂଚନା ।



**ଧନୁ:** ମନରେ ଭକ୍ତିଭାବ ଜାତ ହେବ,ସେବା ପୂଜା ପ୍ରତି ମାନସିକତା ଆସିବ,ଦେହ ଓ ମନ ଭଲ ରହିବା ଆୟ ଓ ବ୍ୟୟ ମଧ୍ୟମ ହେବ,ଦୂରଯାତ୍ରା କରିବେ,ମହିଳାମାନେ ସୁଖୀ ହେବେ,ଗୃହେ ଆନନ୍ଦ ।



**ମକର:** ଆଜି ଆପଣଙ୍କ ଦିନଟି ସେତେ ଭଲ ନୁହେଁ,ଏଣୁ ଟିକେ ସାବଧାନ ରହିବେ,ରୋଜଗାରରେ ବାଧା ଉପୁଜିପାରେ,ପରିଶ୍ରମରେ ସଫଳତା ଲାଭ କରିବେ,ପାରିବାରିକ କଳହର ସୂଚନା ରହୁଛି ।



**କୁମ୍ଭ:** ବନ୍ଧୁ ଦର୍ଶନ ଯୋଗୁଁ ସୁଖ ସନ୍ତୋଷ ଲାଭ ହେବ,ସାହାଯ୍ୟ ସହଯୋଗ ପାଇ ଆଗେଇ ଚାଲିବେ,ଦେହ ଓ ମନରେ ଶାନ୍ତି ବିରାଜମାନ କରିବ,ଆୟ ଉତ୍ତମ ହେବ,ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ଜିଦ୍‌ଖୋର ହେବେ,ବନ୍ଧୁବାନ୍ଧବଙ୍କ ପ୍ରତି ସ୍ୱଭାବରେ ପରିବର୍ତ୍ତନ ଘଟିବ,ଅହଙ୍କାର ପ୍ରକାଶ ପାଇବ,ରୋଜଗାର ମଧ୍ୟମ ଧରଣର ହେବ,ପାରିବାରିକ ଜଞ୍ଜାଳ ସୃଷ୍ଟି ହେବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୯।୨୦୨୫, ଆଶ୍ୱିନ ଦି୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୫।୧୯ ଚନ୍ଦ୍ରୋଦୟ- ନାସ୍ତି**

**ଦ୍ୱିତୀୟା-** ନିଘ ୪।୫୬ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ଦିଘ ୧।୪୧ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ରାଘ୨।୫୦ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର,ରାଘ୨।୫୦ ଗତେ ମେଷ,ବୃଷ,ମିଥୁନ,ସିଂହ,କନ୍ୟା,ତୁଳା,ଧନୁ,ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର ରାଘ୨।୫୬ପର୍ଯ୍ୟନ୍ତ । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ବୋଇତିକଖାରୁ ନିଘ ୪।୫୨ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଘ ୬।୨୭ ମଧ୍ୟେ । ଦିଘ ୮।୪୦ ଗତେ ଘ ୧୧।୧୪ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟାର ଚନ୍ଦ୍ର ଦର୍ଶନ ଓ ପୂଜା ।

୬ ସ୍ମୃତି ମନ୍ଧାନାଙ୍କ ଐତିହାସିକ ରେକର୍ଡ ପଛରେ ପଡ଼ିଲେ ବିରାଟ ଓ ସେହ୍ୱାଗ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୩୫ ● ୨୨ ସେପ୍ଟେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-235 ● 22nd September 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଜିଏସଟି ସଂସ୍କାର ଦେଶର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବ

**ନୂଆଦିଲ୍ଲୀ, ୨୧।୯**

୨୨ ସେପ୍ଟେମ୍ବର (ସୋମବାର)ଠାରୁ ଦେଶ ପାଳନ କରିବାକୁ ଯାଉଛି ଜିଏସଟି ସଂସ୍କାର ଉତ୍ସବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ ଶକ୍ତି ଉପାସନାର ପର୍ବ ନବରାତ୍ରୀ ପ୍ରାରମ୍ଭରେ ସବୁ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନବରାତ୍ରୀର ପ୍ରଥମ ଦିନରୁ ଦେଶ ଆତ୍ମନିର୍ଭର ଭାରତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି। ୨୨ ସେପ୍ଟେମ୍ବର ସୂର୍ଯ୍ୟୋଦୟ ଠାରୁ ଦେଶ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର କାର୍ଯ୍ୟକାରୀ କରିବ। ଏହାସହିତ ସମଗ୍ର ଭାରତରେ 'ଜିଏସଟି ବଚତ' ଉତ୍ସବ (ସଞ୍ଚୟ ମହୋତ୍ସବ)ର ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ ଜୋର ଦେଇ କହିଥିଲେ ଯେ ଏହି ପର୍ବ ସଞ୍ଚୟକୁ ବୃଦ୍ଧି କରିବ ଏବଂ ଲୋକଙ୍କ ପାଇଁ ସେମାନଙ୍କର ପସନ୍ଦର ଜିନିଷ କିଣିବାକୁ ସହଜ କରିବ। ଏହି ସଞ୍ଚୟ ମହୋତ୍ସବର ଲାଭ ଗରିବ, ମଧ୍ୟବିତ୍ତ, ନବମଧ୍ୟବିତ୍ତ ବର୍ଗ, ଯୁବକ,



କୃଷକ, ମହିଳା, ଦୋକାନୀ, ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କ ନିକଟରେ ପହଞ୍ଚିବ। ସେ ଆହୁରି କହିଛନ୍ତି, ଏହି ପାର୍ବଣ ଋତୁରେ ପ୍ରତ୍ୟେକ ପରିବାରର ସୁଖ ଏବଂ ମଧୁରତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ଦେଶର କୋଟି କୋଟି ପରିବାରକୁ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ଜିଏସଟି ସଞ୍ଚୟ ମହୋତ୍ସବ ପାଇଁ ଶୁଭକାମନା ଜଣାଇଥିଲେ। ସେ କହିଥିଲେ, ଏହି ସଂସ୍କାରଗୁଡ଼ିକ ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବ, ବ୍ୟବସାୟିକ କାର୍ଯ୍ୟକୁ ସରଳ କରିବ, ନିବେଶକୁ ଅଧିକ ଆକର୍ଷଣୀୟ କରିବ ଏବଂ ବିକାଶ ଦୌଡ଼ରେ ପ୍ରତ୍ୟେକ ରାଜ୍ୟ ସମାନ ଅଂଶୀଦାର ହେବ।

ଭାରତ ୨୦୧୭ରେ ଜିଏସଟି ସଂସ୍କାର ଦିଗରେ ପ୍ରଥମ ପଦକ୍ଷେପ ନେଇଥିବା କଥା ମନେ ପକାଇ ପ୍ରଧାନମନ୍ତ୍ରୀ କହିଥିଲେ, ଜିଏସଟି ଆଇନ ଲାଗୁ ହେବା ସହିତ ଏକ ପୁରୁଣା ଅଧ୍ୟାୟର ଶେଷ ହୋଇଥିଲା । ଦେଶର ଆର୍ଥିକ ଇତିହାସରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଥିଲା। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ବହୁ ଦଶନ୍ଧି ଧରି ନାଗରିକ ଏବଂ ବ୍ୟବସାୟୀ ମାନେ ଏକ ଜଟିଳ କର ଜାଲରେ ଫସି ରହିଥିଲେ। ପ୍ରବେଶ ଶୁଳ୍କ, ବିକ୍ରୟ କର, ଉତ୍ପାଦ କର, ଭାଟ୍ ଏବଂ ସେବା କର ଭଳି ସାରା ଦେଶରେ ଅନେକ ଡଜନ ଶୁଳ୍କ ବ୍ୟବସ୍ଥା ଥିଲା। ଗୋଟିଏ ସହରରୁ ଅନ୍ୟ ସହରକୁ ସାମଗ୍ରୀ ପରିବହନ ପାଇଁ ଅନେକ ଚେକପୋଷ୍ଟ ପାର କରିବା, ଅନେକ ଫର୍ମ ପୂରଣ କରିବା ଏବଂ ପ୍ରତ୍ୟେକ ସ୍ଥାନରେ ଭିନ୍ନ ଟିକସ ନିୟମର ଚକ୍ରକୁ ପାର କରିବା ଆବଶ୍ୟକ ଥିଲା। ସେ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ସମୟର ଏକ ବ୍ୟକ୍ତିଗତ ସ୍ମୃତି ବିଷୟରେ କହିଥିଲେ। ଗୋଟିଏ ବିଦେଶୀ ଖବର (ପୃଷ୍ଠା ୭ରେ)

## ଭାରତର ଦମ୍‌ଦାର ବିଜୟ

# ପାକିସ୍ତାନକୁ ୬ ୱିକେଟରେ ହରାଇଲା

**ଦୁବାଇ**

ଏସିଆ କପ୍ କ୍ରିକେଟ୍‌ର ସୁପର ୪ ମ୍ୟାଚ୍‌ରେ ଭାରତର ଦମ୍‌ଦାର ବିଜୟ ହୋଇଛି । ପାକିସ୍ତାନକୁ ପୁଣି ଥରେ ଭାରତ ପରାସ୍ତ କରିଛି । ପାକିସ୍ତାନର ୧୭୧ ରନ୍‌ର ଜବାବରେ ଭାରତର ଓପନର ବେଶ୍ ଭଲ ଖେଳ ପ୍ରଦର୍ଶନ କରିଥିଲେ। ଓପନର ଅଭିଷେକ୍ ଶର୍ମା ସର୍ବାଧିକ ୭୪ ରନ୍ କରିଥିଲେ। ଶୁଭମନ୍ ଗିଲ୍ ୪୭ ରନ୍‌ର ଯୋଗଦାନ କରିଥିଲେ। ଭାରତ ୧୮.୫ ଓଭରରେ ୪ ୱିକେଟ୍ ହରାଇ ୧୭୪ ରନ୍ ସଂଗ୍ରହ କରିଥିଲା। ୬ ୱିକେଟ୍‌ରେ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଛି।

ଏସିଆ କପ୍ ସୁପର ଫୋର୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଭାରତ। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୭୧ ରନ୍ କରିଥିଲା। ପାକିସ୍ତାନୀ ଦଳ ପକ୍ଷରୁ ସର୍ବୋତ୍ତମ ବ୍ୟାଟର ଭାବେ ସାହିବଜାଦା ଫରହାନ୍ ୫୮ ରନ୍‌ର ଏକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ଇନିଂସରେ ଭାରତୀୟ ଖେଳାଳିଙ୍କ ଫିଲ୍ଡିଂ ନୈରାଶ୍ୟଜନକ ଥିଲା, ଲଗାତାର ସହଜ କ୍ୟାଚ୍ ଛାଡ଼ିଥିଲେ ଭାରତୀୟ ଫିଲ୍ଡର। ଏକ



ଆଶ୍ଚର୍ଯ୍ୟଜନକ ତଥ୍ୟ ଥିଲା ଯେ ଜଶପ୍ରିତ ବୁମରାହ ଭାରତ ପାଇଁ ସବୁଠାରୁ ମହଙ୍ଗା ବୋଲର ଥିଲେ।

ସାଧାରଣତଃ ପାକିସ୍ତାନ ପାଇଁ ସାମ ଆୟୁବ ଏବଂ ସାହିବଜାଦା ଫରହାନ ଇନିଂସ ଓପନିଂ କରନ୍ତି, କିନ୍ତୁ ଏହି ମ୍ୟାଚ୍‌ରେ ଫଖର ଜମାନ ଆୟୁବଙ୍କ ସ୍ଥାନ ନେଇଥିଲେ। ଏପର୍ଯ୍ୟନ୍ତ ଏସିଆ କପର ତିନୋଟି ମ୍ୟାଚ୍‌ରେ ଶୂନ୍ୟରେ ଆଉଟ ହୋଇଥିବା ଆୟୁବ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ଏବଂ ୨୧ ରନ୍‌ର ଯୋଗଦାନ ଦେଇଥିଲେ। ପାକିସ୍ତାନୀ ଦଳର ଇନିଂସର ହିରୋ ଥିଲେ ସାହିବଜାଦା ଫରହାନ। ସେ ୩୪ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୪୫ ବଲ୍‌ରେ ୫ ଚୌକା ଏବଂ ୩ ଛକା ମାରି ୫୮ ରନ୍ କରିଥିଲେ।

ଭାରତ ପକ୍ଷରୁ ପୂର୍ବ ମ୍ୟାଚ୍‌ରେ ୪ଟି ୱିକେଟ ନେଇଥିବା କୁଲଦୀପ ଯାଦବ ରବିବାର ମ୍ୟାଚ୍‌ରେ ଗୋଟିଏ ୱିକେଟ ନେଇଥିଲେ। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଗୋଟିଏ ସଫଳତା ପାଇଥିଲେ। ଦଳପକ୍ଷରୁ ଶିବମ ଦୁବେ ଦୁଇଟି ୱିକେଟ ନେଇଥିଲେ।

## ଆଜିର ମୁଖ୍ୟ ଖବର

- ୧୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ତାଲିକା ଘୋଷଣା କଲା ବିଜେପି।
- କେନ୍ଦ୍ର ସରକାର 'ଗୋଲ୍ଡେନ୍ କାର୍ଡ' ଯୋଜନାରେ ୧୦ କୋଟି ପରିବାରକୁ ମାଗଣା ସ୍ୱାସ୍ଥ୍ୟ ସୁବିଧା।
- ଦିଲ୍ଲୀରେ ବାୟୁ ପ୍ରଦୂଷଣ ତୀବ୍ର : ୨ଦିନ ପାଇଁ ସ୍କୁଲ୍-କଲେଜ୍ ବନ୍ଦ ଘୋଷଣା।
- ଆରବିଆଇ ପ୍ରକାଶ କରିବ ୧୦୦, ୨୦୦ ଓ ୫୦୦ ଟଙ୍କାର ନୂଆ ସିରିଜ୍ ନୋଟ୍।
- ଦିଲ୍ଲୀରେ ବାୟୁ ପ୍ରଦୂଷଣ ତୀବ୍ର : ୨ଦିନ ପାଇଁ ସ୍କୁଲ୍-କଲେଜ୍ ବନ୍ଦ ଘୋଷଣା।
- ମହାରାଷ୍ଟ୍ର : ବର୍ଷା ଓ ବନ୍ୟାରେ ୧୨ ମୃତ।
- ୨୦୨୬ରୁ କେନ୍ଦ୍ର ସରକାର 'ନୂତନ ଶିକ୍ଷାନୀତି' ସମ୍ପୂର୍ଣ୍ଣ ପ୍ରୟୋଗ କରିବ।
- ୨୦୨୮ରେ ସମାପ୍ତ ହେବ ଦିଲ୍ଲୀ-ମୁମ୍ବାଇ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ।
- ବିହାରରେ ରେଳ ଦୁର୍ଘଟଣା : ୮ ଯାତ୍ରୀ ମୃତ, ୫୦ରୁ ଅଧିକ ଆହତ।
- ଅକ୍ଟୋବରରେ ଓଡ଼ିଶା ପୁଲିସ୍ ସବ୍-ଇନ୍ସପେକ୍ଟର ପରୀକ୍ଷା।
- ୫୦ଟି ସହରକୁ କେନ୍ଦ୍ର ସରକାର 'ଗ୍ରୀନ୍ ସିଟି' ପ୍ରକଳ୍ପରେ ଅନ୍ତର୍ଭୁକ୍ତ କଲେ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୨୧୫ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୮୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୪୧୧ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୫ (+୦)

## ଭାରତ-ଆମେରିକା ବାଣିଜ୍ୟିକ ରାଜିନାମା

# ଟ୍ରମ୍ପ ପ୍ରଶାସନ ସହ ଆଲୋଚନା ପାଇଁ ଆମେରିକା ଯାଇପାରନ୍ତି ପୀୟୁଷ ଗୋୟଲ

**ନୂଆଦିଲ୍ଲୀ, ୨୧।୯**

ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ରାଜିନାମାକୁ ନେଇ ଆଶା ବଳବତ୍ତର ରହିଛି। ରାଜିନାମା ଲାଗି ଟ୍ରମ୍ପ ପ୍ରଶାସନ ସହିତ ଆଲୋଚନା ପାଇଁ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ଖୁବ୍‌ଶୀଘ୍ର ଆମେରିକା ଗସ୍ତ କରିବେ ବୋଲି ସୂଚନା ମିଳିଛି। ଏକ ଜାତୀୟ ଗଣମାଧ୍ୟମକୁ ମିଳିଥିବା ସରକାରୀ ସୂତ୍ରର ତଥ୍ୟ ଅନୁସାରେ, ଭାରତ ଏବଂ ଆମେରିକାର ମୁଖ୍ୟ ଆଲୋଚନାକାରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା ପରେ



ପୀୟୁଷ ଗୋୟଲଙ୍କ ଯାତ୍ରା ନିର୍ଦ୍ଧାରିତ ହୋଇଛି।

ଗତ ମଙ୍ଗଳବାର ଭାରତ ଏବଂ ଆମେରିକାର ଶୀର୍ଷ ଆଲୋଚନାକାରୀ ମାନେ ଉଭୟ ଦେଶର ଫାଇଦାକୁ ଦୃଷ୍ଟିରେ ରଖି ବାଣିଜ୍ୟିକ ଚୁକ୍ତି ଶୀଘ୍ର ସମ୍ପନ୍ନ କରିବାର ପ୍ରୟାସକୁ ଆଗେଇନେବାକୁ ନିଷ୍ପତ୍ତି ନେଇଥିଲେ। ଗତ ମଙ୍ଗଳବାର ହୋଇଥିବା ଆଲୋଚନା ସମୟରେ ଆମେରିକାର ମୁଖ୍ୟ ମଧ୍ୟସ୍ଥ ବ୍ରେଣ୍ଡନ ଲିଞ୍ଚଙ୍କ ନେତୃତ୍ୱରେ ବାଣିଜ୍ୟିକ ଅଧିକାରୀ ଏବଂ ଭାରତର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ବାଣିଜ୍ୟ ମନ୍ତ୍ରଣାଳୟର ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହା ପରେ ପାରସ୍ପରିକ ଶୁଳ୍କକୁ ନେଇ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ଅନ୍ତ ହେବା ନେଇ ଆଶା ଉଜ୍ଜୀବିତ ହୋଇଥିଲା।

# ନିଶାମୁକ୍ତ ହେବ ଭାରତ : ଗଣଦୌଡ଼ରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧।୯**
**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ଜାରି ରହିଥିବା ସେବା ପର୍ବ ଅନ୍ତର୍ଗତ 'ନିଶାମୁକ୍ତ ଭାରତ ଅଭିଯାନ'ରେ ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏକ ବିଶାଳ ଗଣ ଦୌଡ଼ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଏହି ଗଣ ଦୌଡ଼ରେ ସାମିଲ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମ ଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଆୟୋଜିତ ଗଣଦୌଡ଼ରେ ମୁଖ୍ୟମନ୍ତ୍ରୀ ନିଜେ ସମସ୍ତ ଛାତ୍ରଛାତ୍ରୀ, ଖେଳାଳି, ଯୁବବର୍ଗ ଓ ଅନେକ ନେତୃବୃନ୍ଦଙ୍କ ସହ ସାମିଲ ହୋଇ



ନିଶାମୁକ୍ତ ଭାରତ ଅଭିଯାନର ସଚେତନତା ବାର୍ତ୍ତା ଦେଇଥିଲେ।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଭାରତବର୍ଷକୁ ନିଶାମୁକ୍ତ କରିବା ପାଇଁ ମୋଦୀଜୀଙ୍କ ଏହି ନୂଆ ସଂକଳ୍ପ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ଦିଗରେ ପ୍ରେରିତ କରିବ।

ଯୁବବର୍ଗ ଉପରେ (ପୃଷ୍ଠା ୭ରେ)

# ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳରେ ହିଂସା ୭୫% କମିଛି

**ନୂଆଦିଲ୍ଲୀ, ୨୧।୯**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ୧୦ ବର୍ଷ ଶାସନ କାଳ ମଧ୍ୟରେ ଦେଶର ତିନୋଟି ସମ୍ବେଦନ-ଶୀଳ ଅଞ୍ଚଳ ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୭୫% ହିଂସା ହ୍ରାସ ଘଟିଛି।

ସେ କହିଛନ୍ତି, ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ମାଓବାଦର ମୂଳୋତ୍ପାଟନ କରାଯିବ ଏବଂ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯାଇଛି। ସେ ସର୍ଜିକାଲ୍ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ୍ ଏବଂ ଅପରେସନ୍ ସିନ୍ଦୂରର ଉଦାହରଣ ଦେଇଥିଲେ।

ଯେତେବେଳେ ସାରା ବିଶ୍ୱର ସରକାର-ମାନେ କେବଳ କୋଭିଡ୍ ସହିତ ଲଢୁଥିଲେ,



ସେତେବେଳେ ଭାରତରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ୧.୪ ବିଲିୟନ ଲୋକ ଏହି ଲଢ଼େଇରେ ଏକାଠି ହୋଇଥିଲେ ଏବଂ ଏହି ସାମୂହିକ ଶକ୍ତି ଯୋଗୁ ଆମେ ସଫଳ ହୋଇଥିଲୁ। ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁ ସମ୍ଭବ ହୋଇପାରିଥିଲା।

ପ୍ରଧାନମନ୍ତ୍ରୀ କ୍ୟାବିନେଟ ଆଲୋଚନା ସମୟରେ କେବେବି କୌଣସି ନିଷ୍ପତ୍ତିକୁ ପ୍ରଭାବିତ କରନ୍ତି ନାହିଁ। (ପୃଷ୍ଠା ୭ରେ)

# ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ନୂଆପଡା, ୨୧।୯**
**ନ୍ୟୁଜ୍ ବ୍ୟୁରୋ**

ରବିବାର ନୂଆପଡ଼ା ମାଟିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚିଥିଲେ। ରାଜ୍ୟ ବିମାନରେ ଆସି ଗୌତମା ଏୟାରଷ୍ଟ୍ରିପ୍‌ରେ ଦିନ ୧୨ଟା ୫୦ରେ ପହଞ୍ଚିଥିଲେ। ନୂଆପଡ଼ାକୁ ଦିନିକିଆ ଗସ୍ତରେ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖରିଆର ରୋଡ୍ ଠାରେ ଆୟୋଜିତ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହିତ କଳାହାଣ୍ଡିର ପୂର୍ବତନ ସାଂସଦ ତଥା ପ୍ରାକ୍ତନ ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡା, ସୋନପୁର ବିଧାୟକ ନିରଞ୍ଜନ ପୁଜାରୀ, ବିଧାୟକ କଳିକେଶ ସିଂଦେଓ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଖଡ଼ିଆଳ



ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ନାରାୟଣ ସିଂଦେଓଙ୍କ ସମେତ ବିଜେପିର ନେତାମାନେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ।

ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ରାଜେନ୍ଦ୍ର ଥିଲେ ମୋର ଜଣେ ଭଲ ବନ୍ଧୁ। ଗରିବ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ କାମ କରିଥିଲେ। ନିଜ ଅଞ୍ଚଳ ସହିତ ରାଜ୍ୟର ବିକାଶ ପାଇଁ (ପୃଷ୍ଠା ୭ରେ)

# ବ୍ରହ୍ମପୁର ବଦଳରେ ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ !

**ଭୁବନେଶ୍ୱର, ୨୧।୯**
**ନ୍ୟୁଜ୍ ବ୍ୟୁରୋ**

ବର୍ଷା ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ ହୋଇପାରେ। ବ୍ରହ୍ମପୁର ବଦଳରେ ଅନ୍ୟ କେଉଁଠି କାର୍ଯ୍ୟକ୍ରମ ହୋଇପାରେ। ବର୍ଷା ସମ୍ଭାବନାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ଏବେ ଘୁଞ୍ଚିଯାଇପାରେ। ବ୍ରହ୍ମପୁର ବଦଳରେ ଝାରସୁଗୁଡ଼ାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରେ। ୨୭ ତାରିଖରେ ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଗସ୍ତ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିଲା। ସେବା ପକ୍ଷ ଅବସରରେ ସେ ସରକାରଙ୍କର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତେ। ଏନେଇ ଶନିବାର ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ସମୀକ୍ଷା (ପୃଷ୍ଠା ୭ରେ)

## ଏକାଳ ପଖାଳ



କିରିକେଟ ଖେଳେ ଜିତିବା ପାଇଁ କି
ପାକିସ୍ତାନ ଛଟପଟ
ପୁରୁଣା ମାଡ ହାରିବା ଭୁଲିକି
ଚାହୁଁଛି କରିବ ନାଟ
ଯେତେ ବସେଇଲେ ହାଟ
ଭାଗ୍ୟଲେଖା ବଦଳିବନି ତୋ'
ଭାରତ ମାରିବ ଛାଟ୍।

# ୨୮ ରାଜ୍ୟର ଋଣ ୫୯.୬ ଲକ୍ଷ କୋଟି



**ନୂଆଦିଲ୍ଲୀ, ୨୧।୯**

ଭାରତର ୨୮ ରାଜ୍ୟର ମୋଟ ସରକାରୀ ଋଣ ୧୦ ବର୍ଷ ମଧ୍ୟରେ ୩ ଗୁଣ ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟ୍ ଜେନେରାଲ (ସିଏଜି)ଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ସିଏଜି ପକ୍ଷରୁ ପ୍ରଥମଥର ପାଇଁ ଏଭଳି ୧୦ ବର୍ଷିଆ ବିଶ୍ଳେଷଣ କରାଯାଇଛି। କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୩-୧୪ରେ ଦେଶର ସମସ୍ତ ୨୮ ରାଜ୍ୟର ମୋଟ ଋଣ ପରିମାଣ ୧୭.୫୭ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୨-୨୩ରେ ଏହା ୫୯.୬୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ୧୦ ବର୍ଷରେ ଋଣ ପରିମାଣ ୩.୩ ଗୁଣରୁ ଅଧିକ ବୃଦ୍ଧି ପାଇଛି, ଯାହାକି ରାଜ୍ୟଗୁଡ଼ିକର ମୋଟ ଦ୍ରବ୍ୟ ଓ ସେବା ଉତ୍ପାଦ ମୂଲ୍ୟର ଏକ ବଡ଼ ଭାଗ। ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁଯାୟୀ ଦେଖିଲେ ୨୦୧୩-୧୪ରେ ଋଣ ପରିମାଣ ଏହାର ୧୬.୬୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ପାଖାପାଖି ୨୩ ପ୍ରତିଶତରେ ପହଞ୍ଚିଛି। ନିକଟରେ ରାଜ୍ୟ ଅର୍ଥ ସଚିବମାନଙ୍କ ସମ୍ମିଳନୀରେ ସିଏଜି କେ. ସଞ୍ଜୟ ମୂର୍ତ୍ତି ଏହି ତଥ୍ୟ ପ୍ରକାଶ କରିଛନ୍ତି। ତେବେ ସବୁ ରାଜ୍ୟ ଉପରେ ସମାନ ଋଣ ବୋଝ ନାହିଁ। ୨୦୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପଞ୍ଜାବର ଋଣ ଜିଏସିଡିପି ଅନୁପାତ (ପୃଷ୍ଠା ୭ରେ)

# ୨୫ରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା

**ଭୁବନେଶ୍ୱର, ୨୧।୯**
**ନ୍ୟୁଜ୍ ବ୍ୟୁରୋ**

ଆସୁଛି ଆଉ ୩ଟି ଲଘୁଚାପ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପ-ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି, କାରଣ, ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମିଆଁମାର ଉପକୂଳ ଉପରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ସୋମବାର ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବାର ସମ୍ଭାବନା ରହିଛି। ସେହିପରି ଦ୍ୱିତୀୟ ଲଘୁଚାପ ୨୫



ତାରିଖ ବେଳକୁ ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୫ ତାରିଖରୁ ବର୍ଷା ବଢ଼ିବା ସହ ୨୮ ତାରିଖ ଯାଏଁ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ (ପୃଷ୍ଠା ୭ରେ)

ସମ୍ପାଦକୀୟ

30 YEARS ସମ୍ବାଦ କଳିକା

# ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ

ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି । ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି । ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି ।

ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ । ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି । ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି । ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି । ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ । ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି । ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି । ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି । ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି ।

ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି । ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି । କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି । ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍ । ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥ୍ରାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ କିଛି ଆଶଙ୍କା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ୍, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି ।

# ଅପାଠୋଇ ସାରିଆ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଓଡ଼ିଆ ଗଦ୍ୟ ସାହିତ୍ୟର ସମ୍ରାଟ୍, ଭାଷା ସୁରକ୍ଷା ସଂଗ୍ରାମର ଅଗ୍ରଣୀ ସେନାପତି ବ୍ୟାସକବି ଫକୀରମୋହନ ସେନାପତି । ସେ ମା'-ମାଟି-ଭାଷାକୁ ଭଲ ପାଉଥିବା ଅନ୍ୟତମ ସମର୍ପିତ ଓଡ଼ିଆ । ବାଲେଶ୍ୱର ମାଟିର ପୁଅ, ମଲ୍ଲିକାଶପୁର ଗାଁରେ ତାଙ୍କ ଜନ୍ମ । ପିଲାଦିନର ନାମ ବ୍ରଜମୋହନ । ଶୈଶବରୁ ସେ ପିତୃମାତୃହରା । ଠାକୁର ମା'ଙ୍କର ଲାଳନପାଳନ, ସେବା ଶୁଶ୍ରୂଷା, ଆଦର ଯତ୍ନ । ରୋଗଗ୍ରସ୍ତ ବ୍ରଜମୋହନଙ୍କୁ ଦେଲା ଏକ ନୂଆଜୀବନ । ଠାକୁର ମା' ତାଙ୍କୁ ସତ୍ୟପୀରଙ୍କୁ ଉତ୍ସର୍ଗ କରିଦେଇଥିଲେ; ବ୍ୟାଧିମୁକ୍ତ ବ୍ରଜମୋହନ ହେଲେ ଫକୀରମୋହନ । ତାଙ୍କର ଏକ ନିଦରବ, ଅଭାବୀ ପରିବାର । ବଡ଼ବାପାଙ୍କ ନିର୍ଦ୍ଦେଶରେ ଅଝାଲ ସିଲେଇ ବ୍ୟବସାୟରେ ସେ ଗୁମାସ୍ତାଙ୍କ ମେଟ୍ । ବଳକା ସମୟରେ ଅଝାଲ ସିଲେଇ । ବାଲେଶ୍ୱର ଜାହାଜାତି କାରବାର ବନ୍ଦ ହେଲା । ତା' ପରେ ନିମକ ମାହାଲ ସିରସ୍ତାରେ କାର୍ଯ୍ୟ । ପୁନଶ୍ଚ ଶିକ୍ଷକତା, ସର୍ବଶେଷରେ ପ୍ରଶାସକ, ଦେବାନ-ଏମିତି ଫକୀର ମୋହନଙ୍କ କର୍ମମୟ ଜୀବନ; ମାତ୍ର ଜଣେ କାଳଜୟୀ ସାରସ୍ୱତ ସାଧକ ଭାବେ ସେ ଓଡ଼ିଆ ଜାତିର ଚିର ନମସ୍ୟ ।

ଯୋଗଜନ୍ମା ଫକୀରମୋହନ । ପବିତ୍ର ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ହୁଏ ଉତ୍ତରାୟଣ । ଏହି ଦିନ ଫକୀରମୋହନ ପ୍ରଥମ ସୂର୍ଯ୍ୟାଲୋକ ଦେଖିଲେ । ସେ ସାରସ୍ୱତ ଜଗତର ପ୍ରଚଣ୍ଡ ଦିବାକର, ଓଡ଼ିଆ ସାହିତ୍ୟରେ ଆଣିଲେ ଯୁଗାନ୍ତକାରୀ ପରିବର୍ତ୍ତନ । ଖଟିଖିଆ, ମଜୁରିଆ, ସାଧାରଣ ଗାଉଁଲି ମଣିଷ, ପୁଲିସଠାରୁ ଚପରାସି, ମହାଜନ, ଗୁମାସ୍ତା, ଦୁଃଖିନୀ ଗୋବର ଗୋଟେଇ, ଏମାନେ ସାହିତ୍ୟ ଦରବାରରେ ମର୍ଯ୍ୟାଦା ପାଇଲେ । ଫକୀର ମୋହନ ହିଁ ଏହି ନୂତନ ଗଦ୍ୟଧାରାର ପ୍ରବର୍ତ୍ତକ । ସମାଲୋଚକମାନେ ତାଙ୍କୁ ଇଂରାଜୀ ଔପନାସିକ ଥୋମାସ ହାର୍ଡ଼ି, ହିନ୍ଦୀ ସାହିତ୍ୟର କଥା ସମ୍ରାଟ ପ୍ରେମ୍‌ଚନ୍ଦ୍‌ଙ୍କ ସହିତ ତୁଳନା କରିଛନ୍ତି; ମାତ୍ର ମୁଗ୍ଧ ପାଠକଟିର ନିଶ୍ଚୟ ହୃଦ୍‌ବୋଧ ହେବ; ଫକୀରମୋହନ ସ୍ୱୟଂ ହିଁ ତାଙ୍କର ଉପଲକ୍ଷ୍ୟ ।

ଓଡ଼ିଶା ସାହିତ୍ୟର ଅନନ୍ୟ ବିନ୍ଧାଣି ଫକୀର ମୋହନ । ପଦ୍ୟ, କାବ୍ୟ, କବିତା ଅନୁବାଦ, ଆତ୍ମଜୀବନ, କ୍ଷୁଦ୍ରଗଳ୍ପ ଆଦି ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ଯଶସ୍ୱୀ । ସ୍ରଷ୍ଟାଙ୍କ ସର୍ବଜନ ଆଦୃତ ଚାରିଖଣ୍ଡ ଉପନ୍ୟାସ (ଛ' ମାଣ ଆଠଗୁଣ୍ଠ, ମାମୁ, ଲଛମା, ପ୍ରାୟଶ୍ଚିତ) । ସର୍ବଶ୍ରେଷ୍ଠ କୃତି ବା ମାଷ୍ଟରପିସ୍ "ଛ' ମାଣ ଆଠ ଗୁଣ୍ଠ" ତାଙ୍କୁ କରିଛି ବିଶ୍ୱବିଦିତ । ପଲ୍ଲୀ ଜୀବନର ହସ, କାନ୍ଦ, ସୁଖ, ଦୁଃଖ, ଶୋଷକ ଶୋଷିତ; ଏମିତି ବହୁ କଥା ବ୍ୟବସ୍ଥାକୁ ନେଇ ଉପନ୍ୟାସଟି ଗତିଶୀଳ । ପ୍ରାକ୍ ସ୍ୱାଧୀନତା କାଳର ଶୋଷକ, ଟାଉଟର ଜମିଦାର ରାମଚନ୍ଦ୍ର ମଙ୍ଗରାଜ । ତା'ର ମନ୍ତ୍ରଣା ଦାତ୍ରୀ, ଉଦବାସ୍ତୁ ନାରୀ ଚମ୍ପା । ସତୀ, ସ୍ୱାଧ୍ୱୀ, ପତିବ୍ରତା ସାଆନ୍ତାଣୀ, ଶୋଷିତ ଭଗିଆ ତନ୍ତି, ସାରିଆ ତନ୍ତିଆଣୀଙ୍କ ସହିତ ଅନ୍ୟ କେତେକ ଗୌଣ ଚରିତ୍ର । ଏମାନଙ୍କୁ ନେଇ ଉପନ୍ୟାସଟି ବିଚିତ୍ରବର୍ଣ୍ଣ । । ଫତେପୁରସରଷଣ୍ଡ ଜମିଦାର ରାମଚନ୍ଦ୍ର ମଙ୍ଗରାଜ । ତା'ର ଜମି ପାଇଁ ଅବଦମିତ ବୁଭୁକ୍ଷା; ଶେଷରେ ସେଇ ସର୍ବଗ୍ରାସୀ କ୍ଷୁଧାର ପ୍ରଶମନ ଘଟେ । ସାରିଆ ଭଗିଆର ଉର୍ବରା ଛ'ମାଣ ଆଠଗୁଣ୍ଠ ଜମି, ଆତ୍ମସ୍ଥ କରିଛି ମଙ୍ଗରାଜ । ଚମ୍ପାର ହୀନ ଚକ୍ରାନ୍ତ ଫଳବତୀ ହେଲା । ଗୋଟେ ମଫସଲୀ, ଅପାଠୁଆ ତନ୍ତି ପରିବାର, ଶେଷରେ ଉଚ୍ଛନ୍ନ ହୁଏ । ଏହାର ଚିତ୍ର ଉପନ୍ୟାସଟିକୁ କରିଛି କରୁଣ ରସାର୍ଦ୍ର । ବିମୋହିତ ରହିଛି କୋଟି ପାଠକଙ୍କୁ ।

ଛ' ମାଣ ଆଠଗୁଣ୍ଠର ଆତ୍ମପ୍ରକାଶ ୧୮୯୭ରେ; ମାତ୍ର ଏହାର ଘଟଣାକ୍ରମ ବହୁ ପୂର୍ବରୁ । ଫିରିଙ୍ଗି ରାଜତ୍ୱରେ ବିଲାତି ଢାଞ୍ଚାର ଜମିଦାର ରାମଚନ୍ଦ୍ର ମଙ୍ଗରାଜ । ଟଙ୍କା କରଜଦିଏ । କଷ୍ଟ କବଲା ଲେଖେଇ ନିଏ । ନାନା ପ୍ରକାର ବୈଧ, ଅବୈଧ ଉପାୟ, ଋଣଟଙ୍କାରୁ ସୁଧ କଳନ୍ତର ଆଦାୟ କରେ । ଅନାଦେୟ ନାଲିସ, ନିଲାମ, ଜୋର୍, ଜୁଲମ; ଏମିତି ଅପକର୍ମର ଶିକାର ତନ୍ତି ବାପୁଡ଼ା ଭଗିଆ, ସାରିଆ । ଏମାନେ ତାଙ୍କ ଗୋବିନ୍ଦପୁର ମୌଜା ବାସିନ୍ଦା । ଚମ୍ପା ଫକୀର ମୋହନଙ୍କ ପ୍ରଥମ ସ୍ତ୍ରୀ ଲୀଳାବତୀ ପରି ନିଷ୍ଠୁରା କ୍ରୂରା, ସାଆନ୍ତାଣୀ ଦ୍ୱିତୀୟ ସ୍ତ୍ରୀ କୃଷ୍ଣାକୁମାରୀ ପରି ଶାନ୍ତ, ସରଳ, ପତିବ୍ରତା । ଅନ୍ୟ ନାରୀ ଚରିତ୍ରଟି ତନ୍ତିଆଣୀ; ତାଙ୍କ ମାନସ ନନ୍ଦିନୀ, ଅତି ଆଦରର ଅଲିଅଳୀ ସାରିଆ । ସାରା ଉପନ୍ୟାସରେ ତାକୁ ସ୍ରଷ୍ଟା କନ୍ଦାଇଛନ୍ତି, ଦୁଃଖ ଯାତନା ଦେଇଛନ୍ତି । ମାଧ୍ୟମ ମଙ୍ଗରାଜ ଆଉ ଚମ୍ପା । ଲେଖକ ତାକୁ ମଧ ବନ୍ଧ୍ୟା ନାରୀଟିଏ କରିଦେଇଛନ୍ତି । ଶେଷରେ ସାରିଆର କନ୍ୟା ତୁଲ୍ୟା ନେତ ଗାଈ, ଚକ୍ରରେ ନେଲେ ଜମିଦାର; ତା' ସହିତ ଛ' ମାଣ ଆଠଗୁଣ୍ଠ ଜମି । ଘରଡିହ, ସବୁ ନିଲାମ କରିନେଲେ । ସାରିଆ ଭଗିଆଙ୍କ ସୁନାର ସଂସାର ଚୂନା ହେଲା । ଏଣିକି ଅସରା ଅସରା କୋହ, ଆଞ୍ଜୁଳା ଆଞ୍ଜୁଳା ଲୁହ, ଜଳିଲେ ସେମାନେ ସାରା ଜୀବନ । ସାରିଆ, ଭଗିଆଙ୍କ କରୁଣ ଦୁରବସ୍ଥା । ପାଠକେ ବହୁ ଭାବରେ ପ୍ରଭାବିତ । ଫକୀର ମୋହନ ସାରିଆ ଚରିତ୍ରକୁ ନିଖୁଣ ଭାବେ ଫୁଟାଇଛନ୍ତି ଉପନ୍ୟାସଟିରେ ।

ଔପନାସିକଙ୍କ ଗେହ୍ଲୀ ସାରିଆ । ଏଇଠି ସ୍ୱତଃ ପ୍ରଶ୍ନଟିଏ ମନରେ ଉଙ୍କିମାରେ । ମଙ୍ଗରାଜଙ୍କ ଗାଁ ଗୋବିନ୍ଦପୁରରେ ତ ଛତିଶ ପାଟକ, ସେମାନଙ୍କ ମଧ୍ୟରୁ ଅନେକ ଦାରିଦ୍ର୍ୟର ସୀମାରେଖା ତଳେ କିନ୍ତୁ ସ୍ରଷ୍ଟା ବାଛିଥିଲେ ସାରିଆ-ଭଗିଆଙ୍କୁ । ସେବେକାର ତନ୍ତି କୁଳଙ୍କ ପ୍ରତି ଥିଲା ତାଙ୍କର ଯଥେଷ୍ଟ ସମ୍ମାନ । ଏକଦା ବାଲେଶ୍ୱର ତନ୍ତିମାନେ କାପାସ, ରେଶମୀ ଶାଢ଼ୀ ବୁଣିବାରେ କୁଶଳୀ ଥିଲେ । ଏଗୁଡ଼ିକ ପାଇଁ ବିଦେଶିନୀଙ୍କର ଥିଲା ଭାରି ଆଦର । ଫଳରେ ବିଦେଶୀ ବଣିକମାନେ ବାଲେଶ୍ୱର ପ୍ରତି ଆକୃଷ୍ଟ ହେଲେ । ବୁଣାକାର ମଧ ବେଶ୍ ଦି' ପଇସା କମେଇ ସୁଖରେ ବଞ୍ଚୁଥିଲେ । ସେମାନଙ୍କର ସ୍ତ୍ରୀଙ୍କ ଦେହରେ ମୂଲ୍ୟବାନ ସୁନା, ରୁପା ଅଳଙ୍କାର । ଏହା ତାଙ୍କ ଆର୍ଥନୀତିକ ସ୍ୱଚ୍ଛଳତାର ନିଦର୍ଶନ । ଫକୀର ମୋହନ ଏଇ କଥାକୁ ଖୁବ୍ ନିକଟରୁ ଦେଖିଥିଲେ । ତାଙ୍କ ଗାଁ ପାଖ ମାକଳପୁରର ଶହ ଶହ ତନ୍ତି ପରିବାର । ଜାହାଜାତି କାରବାର ବନ୍ଦ, ହେଲେ ନିର୍ଦ୍ଧନ । ଦାଣ୍ଡର ଭିକାରି ବି । ଦେଶପ୍ରେମୀ ଫକୀରମୋହନ ଏମାନଙ୍କୁ ଭାରି ଶ୍ରଦ୍ଧା କରୁଥିଲେ । ଅତି ଆଦର ଯତ୍ନରେ ତନ୍ତି ପରିବାରରୁ ସାଉଁଟି ଆଣିଲେ ସାରିଆ ଭଗିଆଙ୍କୁ; ତାଙ୍କ ଜୀବନ-ଯାତନା କଥା । ସ୍ରଷ୍ଟା ଦେଖେଇ ଦେଲେ ଛ' ମାଣ ଆଠଗୁଣ୍ଠ ଉପନ୍ୟାସରେ । ଏହା ଏକ ଅନବଦ୍ୟ ରସୋତ୍ତୀର୍ଣ୍ଣ କଳାକୃତୀ ।

ସାରିଆ ଜୀବନରେ ଗୋଟେ ବଡ଼ ଦୁଃଖ; ସନ୍ତାନଟିଏ ପାଇଁ ସେ ଥିଲା ଆକୁଳା । ଏଇ ଦୁର୍ବଳତାର ସୁଯୋଗ ନେଲା ଚମ୍ପା । ବୁଢ଼ୀ ମଙ୍ଗଳାଙ୍କ ମନ୍ଦିର ତୋଳା ହେବ । ସାରିଆ ହେବ ପୁତ୍ରବତୀ । ଅପାଠୋଇ ସାରିଆ ଭଳିଗଲା । ଚମ୍ପା କହିଲା, "ଦେଖ ସାରିଆ, ବୁଢ଼ୀ ମଙ୍ଗଳା ସବୁର ମୂଳ । ତାଙ୍କ ଆଜ୍ଞାରେ ପୃଥ୍ୱୀ ଚଳୁଛି । ସଂସାର ଆତଯାତ ହେଉଛି । ତାଙ୍କ ଆଜ୍ଞା କି ଅନାସ୍ଥା ହେବ ? ତମେ ମଙ୍ଗଳା ମନ୍ଦିରଟା ବନେଇ ଦିଅ ତ ଦେଖିବ ତୁମଘର ଲକ୍ଷ୍ମୀ ଭଣ୍ଡାର ହୋଇଯିବ । ପଣ ପଣ କାହାଣ କାହାଣ ଟଙ୍କା କାହୁଁ ଆସି ଘରେ ପଶିବ, ଧାଡ଼ି ଧାଡ଼ି ଧାନ ମରେଇରେ ପଶିଯିବ । ଭଗବାନ କି ଆଉ ତନ୍ତ ବୁଣିବ ? ତମ ପଛରେ ଦଶଜଣ ପୋଇଲି ଗୋଡ଼ାଇବେ ।" ସାରିଆ ଥିଲା ଭାରି ନିର୍ଲୋଭ; ସେ ବୁଝିଥିଲା ଦେହ ମେହନତ କମେଇ ହିଁ ଲକ୍ଷ୍ମୀ, ଆଉ ସବୁ ଧନ ଅଧର୍ମ, ପାପ । ଚମ୍ପାର ଅର୍ଥ ପ୍ରଲୋଭନ କାମ ଦେଲାନି, ଏଣିକି ଶିକାର ପାଇଁ ସେ ନୂଆ ଜାଲ ବିଛାଇଲା, "ଦେଖ, ସାରିଆ, ଟଙ୍କାରେ କ'ଣ ଅଛି, ସୁନାରେ କ'ଣ ଅଛି ? ଟଙ୍କା ସୁନାରେ କେହି ସ୍ୱର୍ଗକୁ ଯାଏନାହିଁ । ମୂଳକଥା ପିଲାଝିଲା, ଯେଉଁ ଘରେ ପିଲା ନାହିଁ ସେ ଘର ତ ଦିନ ଦିପହରେ ଅନ୍ଧାର, ବାଞ୍ଝ ବରଡ଼ୀ ହେବାକି ଉଣା ପାପ ! ସନ୍ତାନଟିଏ ନଥିଲେ ସେ ନାରୀ ମୁହଁ ଚାହିଁଲେ ପାପ - ଏ ପ୍ରକାର ଚିନ୍ତାଧାରା, ସାରିଆ ବ୍ୟସ୍ତ ବିବ୍ରତ । ଚମ୍ପା ମଙ୍ଗିଲା । ଭଗିଆ ସାଆନ୍ତଙ୍କୁ କଷ୍ଟ କବଲା ଲେଖିଦେଲା । ଛ' ମାଣ ଆଠଗୁଣ୍ଠ ଜମି ଏବେ ବନ୍ଧକରେ । ବଦଳରେ କେଇ ଶଗଡ଼ ଇଟା, ମନ୍ଦିର ତୋଳା ନୋହିଲା । ସେବେକାର ଶହଶହ ଅପାଠୋଇ ସାରିଆ ଅନ୍ଧବିଶ୍ୱାସର ବଶବର୍ତ୍ତୀ । ଏମିତି ସର୍ବସ୍ୱ ହରାଇଛନ୍ତି; ସେମାନଙ୍କ ଜୀବନରେ ଗଳଗ୍ରହ ଶୋଷକ ଜମିଦାର ।

ଫକୀର ମୋହନଙ୍କ ଆଦରର ସାରିଆ; ତା' ସ୍ୱାମୀ ଭଗିଚନ୍ଦ୍ର । ତାକୁ ମଧ ସେ ତଳେ ପକେଇ ଦେଇନାହାନ୍ତି । ଦୁଇଜଣଙ୍କର ଅମଳିନ, ମଧୁମୟ ଦାମ୍ପତ୍ୟ ଜୀବନ । ବଡ଼ ଶ୍ରଦ୍ଧାରେ ଔପନାସିକ କହନ୍ତି, "ଭଗିଆ ଯେପରି ହୁଣ୍ଡା, ତା' ଭାର୍ଯ୍ୟାଟା ମଧ ସେହିପରି ହୁଣ୍ଡୀ ।" ନକଡ଼ ଛକଡ଼ ନାହିଁ, ଦୁଇଜଣଙ୍କର ନିମିଷେ ଛାଡ଼ ବାଡ଼ ଥାଏ ନାହିଁ, ଦୁହେଁ ମିଳି ଘରକାମ କରନ୍ତି, ଭଗିଆ ତନ୍ତ ଚଲାଇଲା ବେଳେ ସାରିଆ ନଳୀବଳେ, ନୁଣ୍ଡିବଳେ, ଚରଖାରେ ସୂତା ଦିଏ । ସାରିଆ ଭାତ ରାନ୍ଧିଲା ବେଳେ ଭଗିଆ ଚୁଲି ଫୁଙ୍କେ, ପାଣିଆଣି ଦିଏ ।" ଲୋକ ତାଙ୍କ ନିବିଡ଼ ସମ୍ପର୍କରେ ଭାବବିହ୍ୱଳ । କହନ୍ତି, "ସାରିଆ ଭଗିଆକୁ ଦେଖ, ବଗଲା ବଗଲି ଲେଖ ।" ଦୁଇ ପ୍ରାଣୀ ଭାରି ସାଧାସିଧା, ହେଲେ ପାଠଶାଠ ନାହିଁ, ତଥାପି ଭଗିଆ ତନ୍ତିମାନଙ୍କର ମୁଖିଆ, ପରମାଣିକ । ଫକୀରମୋହନଙ୍କ କେବଳ ଏ ଦୁହେଁ ଶ୍ରଦ୍ଧା ଭାଜନ ନୁହଁନ୍ତି, ଏମାନଙ୍କ ଜାତିଟା ମଧ ତାଙ୍କର ବଡ଼ ଆପଣାର । ତନ୍ତିଜାତି ସହିତ ବିଜଡ଼ିତ ନିର୍ବୁଦ୍ଧିତ୍ୱ, ଏହାକୁ ସେ ଖଣ୍ଡନ କରିଛନ୍ତି । କାହାରି ବୁଦ୍ଧିରେ ତ୍ରୁଟି ଥିଲେ ଲୋକ ବୋଲୁଥିଲେ, "ଆରେ ତୁ ତ ତନ୍ତିଟା ନା କ'ଣ ?" ଏ ପ୍ରକାର ଭ୍ରମାତ୍ମକ ମନ୍ତବ୍ୟକୁ ସ୍ରଷ୍ଟା ନାପସନ୍ଦ କରିଛନ୍ତି । ସେ ଦିନ ମାଞ୍ଚେଷ୍ଟର ତନ୍ତିମାନେ ଯେପରି ପାର୍ଲିଆମେଣ୍ଟକୁ କମ୍ପାଇ ଦେଲେ । ତାହା କି ଅଜଣା କାହାକୁ ? ଔପନ୍ୟାସିକ ଲେଖିଲେ, "ଆପଣ ଯେ ବାବୁ ସାଜିଛନ୍ତି ତାହା ତ କେବଳ ତନ୍ତି ପ୍ରସାଦାତ୍ । ଏ ପ୍ରକାର ତନ୍ତିଙ୍କ ବୁଦ୍ଧି ପ୍ରତି ଦୋଷାରୋପ କରିବା ଏକ ପ୍ରକାର ବେମାନି, ହିସାବ ଧରିଲେ ଆମ୍ଭମାନଙ୍କ ପୂର୍ବ ପୁରୁଷ ସମସ୍ତେ ତନ୍ତିଥିଲେ ।" ଏଠାରେ ସ୍ରଷ୍ଟା ବୁଣାକାରମାନଙ୍କର ମର୍ଯ୍ୟାଦାକୁ ବହୁଗୁଣିତ କରିଛନ୍ତି ।

ଫକୀରମୋହନ ସାରିଆକୁ ସନ୍ତାନବତୀ ହେବାର ସୁଯୋଗ ଦେଇନାହାନ୍ତି; ମାତ୍ର ତା' ସଂସାରରେ ଛନ୍ଦି ଦେଇଛନ୍ତି ନେତ ଗାଈକୁ । ନେତ; ସାରିଆର ପୁଅ, ଝିଅ, ଜୀବନ, ଆତ୍ମା ସବୁକିଛି । 'ନେତକୁ ସାରିଆ ଝିଅ ପରି ପୋଷିଥାଏ । ଝିଅପରି ଗେହ୍ଲା କରେ । +++ ପଘାରୁ ଫିଟି ମଧ ନେତ କାହିଁ ଯାଏ ନାହିଁ, ସାରିଆ ପାଖେ ପାଖେ ଥାଏ । ଟିକିଏ ଦାଣ୍ଡକୁ ଚାଲିଲେ ସାରିଆ ଡାକେ ନେତଲୋ ! ନେତ କହେ ହଁ... ମାଁ, ଧାଇଁ ଆସି ସାରିଆକୁ ଚାଟେ, ସାରିଆ ତା' ଦିହରେ ହାତ ବୁଲାଇ ନେଇ ଢେର୍ ଆଦର କରେ । ଢେର୍ ସୁଖ ଦୁଃଖ କଥା କହେ ।" ଅପତ୍ୟ ସ୍ନେହରେ ଭିଜିଯାଏ ସାରିଆ । ଏକଥା କିନ୍ତୁ ସାଆନ୍ତକୁ ସୁଖ ଦେଇନି । ଚମ୍ପା ତାଙ୍କ କାନରେ କହେ, "ନେତ ଭାରି ଦୁଧିଆଳି, ତା' ପରି ଗାଈ ନାହିଁ । ମଙ୍ଗରାଜ ଆଶ୍ଚର୍ଯ୍ୟ, "ତନ୍ତି ବାପୁଡ଼ାର ଏମନ୍ତ ଗାଈ ?" ଶେଷରେ ଛ' ମାଣ ଆଠଗୁଣ୍ଠ ସହିତ, ନେତ ଗାଈକୁ ସେ ନେଲେ, ଚମ୍ପାର ଖୁସି ଦେଖେ କିଏ ? "ଜମି ହେଉ, ଘର ହେଉ, ଯାହା ହେଉ ସେଇ ଗାଈଟି ଲାଗି ଏତେ କଥା କଲି, ଗାଈ ତ ନୁହେଁ, ଗୋଟେ ଗୁଣ୍ଠୁଣୀ ହାତୀ, ଆଜି କଚେରି ପିଣ୍ଡାରେ ବାନ୍ଧି ଆସିଛି, କାଲିଠାରୁ ଉଆସ ଭିତରେ ବାନ୍ଧିବି ।" ଧନ ସମ୍ପତ୍ତି, ବିଲବାଡ଼ି, ଶେଷରେ ନେତ ଗାଈକୁ ହରାଇ ଭଗିଆ ପାଗଳ, ସାରିଆ ବାୟାଣୀ । ଯାହାକୁ ଦେଖିଲେ ଡକାପଡ଼େ, ବାଉଳି ହୁଏ- "ମୋ ଛ' ମାଣ ଆଠଗୁଣ୍ଠ, ମୋ ନେତ, ମୋ ନେତ ।" ତା'ର କାକୁତି ମିନତି ନିଷ୍ଫଳ ଉପାସ ଭୋକେ ସେ ବାଟକାଟିଲା । ଫକୀର ମୋହନ ଅଲିଅଳୀ ସାରିଆକୁ ଆଉ କେତେ ବା କନ୍ଦାଇଥାନ୍ତେ ?


ଦକ୍ଷ ପ୍ରଶାସକ ଫକୀର ମୋହନ, ଇଂରେଜ ରାଜତ୍ୱର ଅନ୍ଧ ଶାସନ, ସାରିଆକୁ ନ୍ୟାୟ ମିଳିବନି, ତାହା ସେ ଜାଣିଥିଲେ । ବାଛି ନେଲେ ଆଉ ଗୋଟେ ପନ୍ଥା, ବଳି ପଡ଼ିଲା ସାରିଆ । ନେତ ଗାଈ ଅପହରଣ ମାମଲା, ମଙ୍ଗରାଜେ ଜେଲ୍ ଗଲେ । ରତନପୁରିଆ ଡମ ତାଙ୍କୁ ବାଡ଼େଇଲେ, ଭଗିଆ କଇଦି ଖାନାରେ ତାଙ୍କ ନାକ କାମୁଡ଼ିଦେଲା । ଏବେ ସେ ମୁମୂର୍ଷୁ, ଦେଖୁଛନ୍ତି ସେଇ ତନ୍ତିସାହିର ସାରିଆକୁ, ଭୟଙ୍କର ବିକଟାଳ ରୂପଧରି ଯେମନ୍ତ ବଜ୍ର ଗମ୍ଭୀର ସ୍ୱରରେ କହୁଛି, "ମୋ ଛ' ମାଣ ଆଠଗୁଣ୍ଠ ଜମି ଦେ, ଘନକୃଷ୍ଣ ମେଘ ଦିହରୁ ସହସ୍ର ଭଗିଆ, ଖଡ଼୍‌ଗ, ଲୁହାର ମୁଦ୍‌ଗର ଧରି ତାଙ୍କୁ ପିଟିବାକୁ ଉଦ୍ୟତ ।" 'ଥ-ମା-ଆ-ଗୁ' କହି ତାଙ୍କ ପ୍ରାଣ ଯାଇଛି । ଗୋଟେ ସଇତାନ ପାଲଟି ଯାଇଛି ଶୁଦ୍ଧ ମଣିଷଟେ । ଶେଷରେ ତା' ଅଧର୍ମ କମେଇ ଯାଇଛି ମୂଳ ସହିତରେ । ବଢ଼ିଥିଲା ନଈବଢ଼ି ପରି, ଗଲା ଲେଉଟାଣି ଜୁଆର ପରି । ଏମିତି ଏକ ପରିଣତି ଘଟାଇଲେ ସ୍ରଷ୍ଟା । ସାରିଆକୁ ଆରପାରିକୁ ପଠାଇ ଦେଲେ ।

ସାରିଆ ଯେମନ୍ତ କହୁଛି, "ବାପା, ମତେ ଜନମ ଦେଲ, ଅପାଠୋଇ କଲ, ମୋ ଠାରୁ ବରଷେ ସାନ ମୋ ଭଉଣୀ ରେବତୀ, ତାକୁ ପାଠ ପଢ଼ାଇଲ; ମୋ ଆଡ଼କୁ ଟିକେ ଚାହିଁଲନି । ପାଠ ଦି' ଅକ୍ଷର ଯଦି ପଢେଇଥାଆନ୍ତ, ତମର ଏ ଦୁଃଖିନୀ ଝିଅକୁ କ'ଣ ମଙ୍ଗରାଜେ ଏତେ ସରି କରିଥାନ୍ତେ ।"

ଏହାର ଜବାବ ଫକୀର ମୋହନ କ'ଣ ବା ଦେଇପାରିବେ ?

ସବୁତ ସେଇ ସମୟ କଥା; ତାକୁ ବା କିଏ ଏଡ଼ି ପାରିବ ?

# ବିରଜାଙ୍କ ଶାରଦୀୟ ପୂଜା ଓ ରଥଯାତ୍ରା



ବିରଜାରତ୍ନ ପଣ୍ଡିତ
ଭୂପତି ଭୂଷଣ ମିଶ୍ର
ସଭାପତି, ବିରଜାମଣ୍ଡଳ
ଗଣକମଣ୍ଡଳୀ
ଓ ପଣ୍ଡିତ ସଭା, ଯାଜପୁର
ମୋ- ୯୪୩୮୫୬୧୦୮୯



ଦେବଭୂମି ଭାରତରେ ଶକ୍ତି ଉପାସନା ଯେପରି ପ୍ରାଚୀନ, ଶକ୍ତି ଉପାସନାରେ ଆଦିଶକ୍ତି ବିରଜାଙ୍କର ଉପାସନା ସେହିପରି ପୁରାତନ ଓ ଅନନ୍ୟ । ଏହିଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ ଯେ ଭାରତର ସମସ୍ତ ଶକ୍ତିପୀଠମାନଙ୍କ ମଧ୍ୟରେ ବିରଜାକ୍ଷେତ୍ରର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ରହିଛି । ପୁରାଣ ଓ ତନ୍ତ୍ର ଗ୍ରନ୍ଥମାନଙ୍କରେ ଏହି କ୍ଷେତ୍ର ମହାତୀର୍ଥ, ଅବିମୁକ୍ତ କ୍ଷେତ୍ର, ଗଦାକ୍ଷେତ୍ର, ବୈତରଣୀ ତୀର୍ଥ ଓ ନାଭିପୀଠ ପ୍ରଭୃତି ବିଭିନ୍ନ ନାମରେ ପରିଚିତ ତଥା ପ୍ରସିଦ୍ଧ ଅଟେ । ବିଶେଷତଃ ବାୟୁ ପୁରାଣରେ ଏହି କ୍ଷେତ୍ର ପିତୃତୀର୍ଥ ଓ ମହାତୀର୍ଥର ମାନ୍ୟତା ଲାଭ କରିଛି । ତନ୍ତ୍ରଶାସ୍ତ୍ରମାନଙ୍କରେ ଏହି କ୍ଷେତ୍ରର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ତନ୍ତ୍ର ଜଗତର ପ୍ରସିଦ୍ଧ ଚତୁଷ୍ପୀଠ ମଧ୍ୟରେ ଉଡ୍ର ଓ ଉଡ୍ଡୀୟାନ ପୀଠର ଶକ୍ତି ସ୍ୱରୂପିଣୀ ଦେବୀ ହେଉଛନ୍ତି କାତ୍ୟାୟନୀ । ଗବେଷକମାନଙ୍କ ମତରେ ଏହି କାତ୍ୟାୟନୀ ବିରଜାଙ୍କ ବ୍ୟତୀତ ଅନ୍ୟ କେହି ନୁହଁନ୍ତି । ଏହି ଦେବୀଙ୍କର ପୂଜାପଦ୍ଧତି ଅନ୍ୟ ସମସ୍ତ ଶକ୍ତିପୀଠମାନଙ୍କର ଉପାସନା ଧାରାଠାରୁ ଭିନ୍ନ ଓ ସ୍ୱତନ୍ତ୍ର ।

ବିରଜା ଦେବୀଙ୍କର ସମସ୍ତ ପର୍ବପର୍ବାଣୀ ମଧ୍ୟରେ ଶାରଦୀୟ ମହୋତ୍ସବ ତଥା ରଥଯାତ୍ରାର ସ୍ୱତନ୍ତ୍ରତା ଏକାନ୍ତ ପ୍ରଣିଧାନଯୋଗ୍ୟ ଅଟେ । ଆଶ୍ୱିନ ମାସ କୃଷ୍ଣପକ୍ଷ ଆର୍ଦ୍ରା ନକ୍ଷତ୍ରଯୁକ୍ତ ମୂଳାଷ୍ଟମୀଠାରୁ ଦେବୀଙ୍କର ପାର୍ବଣ ପୂଜାର ଅୟମାରମ୍ଭ ହୁଏ ଏବଂ ଶୁକ୍ଳ ପକ୍ଷର ମହାନବମୀରେ ପୂଜା ସମାପ୍ତ ହୋଇ ଦଶହରାରେ ମଙ୍ଗଳାରୋପଣ ବିଧି ସହିତ ଘଟ ବିସର୍ଜନ କରାଯାଏ । ଷୋହଳ ଜଣ ବ୍ରାହ୍ମଣ, ଷୋହଳ ଦିନ ବ୍ୟାପୀ, ଷୋହଳ କଳସ ସ୍ଥାପନ କରି ଷୋହଳ ଉପଚାରରେ ଏହି ପାର୍ବଣ ପୂଜା ସମ୍ପାଦନ କରିଥାନ୍ତି । ଶୁକ୍ଳ ପଞ୍ଚମୀଠାରୁ ଆରମ୍ଭ ହୋଇଥାଏ ସହସ୍ର ସଂଖ୍ୟକ ଆହୁତିଯୁକ୍ତ ମହାହୋମ ଓ ମହାଷ୍ଟମୀ ରାତ୍ରିରେ ପୂର୍ଣ୍ଣାହୁତି ହୋଇଥାଏ । ପଞ୍ଚମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପ୍ରତିଦିନ ଶାସନସ୍ଥିତ ବ୍ରାହ୍ମଣ ପରିବାର ଦ୍ୱାରା ଆନୀତ ବୈତରଣୀର ପବିତ୍ର ଜଳରେ ମା' ବିରଜାଙ୍କର ମହାସ୍ନାନ ସମାପନ ହୋଇଥାଏ । ଅନ୍ୟ ଶକ୍ତିପୀଠମାନଙ୍କ ପରି ବିରଜା ପୀଠରେ ଶାରଦୀୟ ପୂଜା ଅବସରରେ ଦେବୀଙ୍କର ରାଜରାଜେଶ୍ୱରୀ, କୌମାରୀ, ଗୌରୀ ପ୍ରଭୃତି ବିଭିନ୍ନ ବେଶ ହୋଇଥାଏ । ମହନୀୟତା ହେଉଛି ଯେ ଶାରଦୀୟ ପୂଜା ସମୟରେ ବିଭିନ୍ନ ମନ୍ତ୍ରର ପ୍ରୟୋଗ ହୋଇଥାଏ । ମୂଳାଷ୍ଟମୀଠାରୁ ବନଦୁର୍ଗା ମନ୍ତ୍ର ମହାଷ୍ଟମୀ ପର୍ଯ୍ୟନ୍ତ, ମହାଷ୍ଟମୀ ରାତ୍ରିରେ ଉଗ୍ରଚଣ୍ଡା ମନ୍ତ୍ର, ମହାନବମୀ ରାତ୍ରିରେ ମହାମାରୀ ମନ୍ତ୍ର ଓ ଦଶହରାରେ ଅପରାଜିତା ମନ୍ତ୍ରରେ ପୂଜା କରାଯାଏ । ପୂଜା ସମୟରେ ଷଡ଼ଙ୍ଗନ୍ୟାସ, ମାୟାପୁଟିତ ପ୍ରତ୍ୟକ୍ଷର ନ୍ୟାସ, ବିଲୋମ ମନ୍ତ୍ରନ୍ୟାସ ଆଦି ସହିତ ମୁଦ୍ରା, ବ୍ୟାପକ ଓ ମଣ୍ଡଳ ଦ୍ୱାରା ଶକ୍ତି ପଲ୍ଲବ ତନ୍ତ୍ର ଆଧାରରେ ସମ୍ପୂର୍ଣ୍ଣ ତାନ୍ତ୍ରିକ ରୀତିରେ ଉପାସନା କରାଯାଏ । ବିଶେଷତ୍ୱ ହେଉଛି ଯେ ଦେବୀଙ୍କ ବିଗ୍ରହରେ ବାହନ ସିଂହ ନଥିଲେ ମଧ ଦେବୀଙ୍କୁ ଏହି ସମୟରେ ସିଂହ ବାହିନୀ ମହିଷ ମର୍ଦ୍ଦିନୀ ଦୁର୍ଗା ରୂପରେ ପୂଜା କରାଯାଇଥାଏ । ଏଠାରେ ସୂଚନାଯୋଗ୍ୟ ଯେ ପିତୃପକ୍ଷରେ ଦେବୀ ସ୍ୱୟଂ ପିତୃ କନ୍ୟା ରୂପରେ ଅମା ନାମରେ ପିତୃପୁରୁଷଙ୍କୁ ପ୍ରଦତ୍ତ ପିଣ୍ଡ ଗ୍ରହଣ କରିଥାନ୍ତି କିନ୍ତୁ ଶୁକ୍ଳପକ୍ଷରେ ମହିଷ ମର୍ଦ୍ଦିନୀ ଦୁର୍ଗା ରୂପରେ ଉପାସିତ ହୋଇଥାନ୍ତି ।

ପାର୍ବଣ ପୂଜା ସମୟରେ ବିରଜାଙ୍କର ଯେଉଁ ରଥଯାତ୍ରା ଅନୁଷ୍ଠିତ ହୁଏ, ତାହା ପ୍ରାୟ ଅନ୍ୟତ୍ର ଦେଖାଯାଏ ନାହିଁ । ପ୍ରତିବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦ୍‌ଠାରୁ ମହାନବମୀ ପର୍ଯ୍ୟନ୍ତ ଦେବୀଙ୍କର ନବଦିନାତ୍ମକ ରଥଯାତ୍ରା ଅନୁଷ୍ଠିତ ହୁଏ । ଦେବୀଙ୍କର ରଥର ନାମ ସିଂହଧ୍ୱଜ । ଏହି ରଥର ଉଚ୍ଚତା ପ୍ରାୟ ୫୫ ଫୁଟ୍, ଦୈର୍ଘ୍ୟ ୨୧ ଫୁଟ୍ ୩ ଇଞ୍ଚ, ପ୍ରସ୍ଥ ୧୬ ଫୁଟ୍ ୩ ଇଞ୍ଚ । ଏହା ତେରଗୋଟି ଥାକବିଶିଷ୍ଟ ଓ ଏହାର ଚକସଂଖ୍ୟା ୧୨ । ଏଥିରେ ୬ଟି ଅଖ, ୨୪ଟି ଧାରଣା ଓ ୬୪ଟି ଖୁଣ୍ଟି ରହିଥାଏ । ଏଥିରେ ସର୍ବମୋଟ ୮୯୮ ଖଣ୍ଡ କାଠ ବ୍ୟବହୃତ ହୋଇଥାଏ । ରଥର ସାରଥି ଚତୁର୍ମୁଖ ବ୍ରହ୍ମା, ରକ୍ଷିତା ମହାମାୟା ଓ ରଥର ଶକ୍ତି ବ୍ରହ୍ମଚାରିଣୀ ଅଟନ୍ତି । ଏହି ରଥ ନଅ ଦିନରେ ନଅଥର ମନ୍ଦିର ଚାରିପଟେ ପରିକ୍ରମା କରନ୍ତି । ମା' ବିରଜାଙ୍କର ମୂର୍ତ୍ତି ପଥର ନିର୍ମିତ ହୋଇଥିବାରୁ ମା'ଙ୍କର ବିଜେ ପ୍ରତିମା ଆଶାଦଣ୍ଡ ପ୍ରତିପଦ୍‌ରେ ରଥରେ ଆରୋହଣ କରି ଅପରାହ୍ନରେ ମନ୍ଦିର ପରିକ୍ରମା କରନ୍ତି । ବିଜେ ପ୍ରତିମାଙ୍କ ରଥାରୋହଣ ଦିନଠାରୁ ଦିନରେ ଓ ରାତିରେ ବିରଜାଙ୍କ ପୀଠରେ, ଘଟରେ ଓ ରଥରେ ଷୋଡ଼ଶ ଉପଚାରରେ ପୂଜା କରାଯାଏ । ଏହି ସମୟରେ ରଥରେ ଦେବୀଙ୍କୁ ଦର୍ଶନ କଲେ ମନୁଷ୍ୟ ପଞ୍ଚଶୂନା ପାପରୁ ମୁକ୍ତିଲାଭ କରି ଦେବୀଙ୍କର ସ୍ୱରୂପକୁ ଲାଭ କରିଥାଏ ବୋଲି ଶାସ୍ତ୍ରୀୟ ପ୍ରମାଣ ରହିଅଛି । ମହାପାର୍ବଣ ସମୟରେ ଦେବୀଙ୍କର ରଥାରୋହଣ ଓ ରଥରେ ପରିକ୍ରମା ଭାରତୀୟ ଶକ୍ତି ପରମ୍ପରାର ଏକ ବିରଳ, ସ୍ୱତନ୍ତ୍ର ଓ ବିଶେଷ କାର୍ଯ୍ୟକ୍ରମ । ଏଠାରେ ସୂଚନାଯୋଗ୍ୟ ଯେ ଦକ୍ଷିଣ ଭାରତର କେତେକ ପୀଠରେ ଦୋଳାରେ ଦେବୀମାନଙ୍କର ଭ୍ରମଣ ଦୃଷ୍ଟିଗୋଚର ହୋଇଥାଏ ।

ମହାନବମୀର ରଥ ପରିକ୍ରମାର ପରିସମାପ୍ତି ପରେ ଦେବୀଙ୍କ ବିଜେ ପ୍ରତିମାକୁ ନିଶାର୍ଦ୍ଧରେ ଏକ ଦୋଳା ଓ ବିମାନରେ ବସାଇ ବିଭିନ୍ନ ଘଣ୍ଟବାଦ୍ୟ ଓ ମଙ୍ଗଳ ଘୋଷ ଧ୍ୱନି ମଧ୍ୟରେ ଲାଖବିନ୍ଧା ପଡ଼ିଆକୁ ନିଆଯାଏ । ସେହି ପଡ଼ିଆର ଉତ୍ତରରେ ଅଷ୍ଟଭୁଜା ଚଣ୍ଡବତୀଙ୍କର ଆସ୍ଥାନ ରହିଛି । ସେହି ଦେବୀଙ୍କର ନାମ ଡାକେଶ୍ୱରୀ । ପୂଜକ ବ୍ରାହ୍ମଣ ସେଠାରେ ଯଥାବିଧିର ପୂଜା ସମାପନ କରି ଦେବୀଙ୍କ ହସ୍ତରେ ଧନୁଶର ଅର୍ପଣ କରନ୍ତି ଏବଂ ଦେବୀଙ୍କର ପ୍ରତିନିଧି ରୂପରେ ଚାରିଦିଗକୁ ଚାରିଗୋଟି ଶର ନିକ୍ଷେପ କରନ୍ତି । ଏହା ଲକ୍ଷ୍ୟଭେଦ ଉତ୍ସବ ନାମରେ ପରିଚିତ । ପ୍ରକୃତ ପକ୍ଷରେ ଏହା ରାଜକୀୟ ସାମରିକ ଉତ୍ସବର ଏକ ପ୍ରତୀକ । ଅତୀତରେ ଯାଜପୁର ପ୍ରାୟ ଏକହଜାର ବର୍ଷ ବ୍ୟାପୀ ଓଡ଼ିଶାର ରାଜଧାନୀ ଥିଲା । ପରମ୍ପରାକ୍ରମେ ରାଜାମାନେ ବର୍ଷାଋତୁ ପରେ ଶରତ ଋତୁର ଆଗମନରେ ଦେବୀଙ୍କୁ ପୂଜାର୍ଘ୍ୟ ଅର୍ପଣ କରି ସେମାନଙ୍କର ସମରାଭ୍ୟାସ ଓ ଯୁଦ୍ଧଯାତ୍ରା ଆରମ୍ଭ କରୁଥିଲେ । ସେହି ପରମ୍ପରାର ଅନୁସରଣରେ ପ୍ରତିବର୍ଷ ଶାରଦୀୟ ପୂଜାର ପରିସମାପ୍ତି ପରେ ଏହି ଲକ୍ଷ୍ୟଭେଦ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏଠାରେ ସ୍ମରଣୀୟ ଯେ ଅତୀତରେ ବିରଜା ଦେବୀ ବିଭିନ୍ନ ରାଜବଂଶର ରାଷ୍ଟ୍ରୀୟ ଦେବୀରୂପେ ପୂଜା ପାଉଥିଲେ । ଲକ୍ଷ୍ୟଭେଦ ଉତ୍ସବର ସମାପ୍ତି ପରେ ଦେବୀଙ୍କ ବିଜେ ପ୍ରତିମାକୁ ଅଣାଯାଇ ସିଂହାସନର ଯଥା ସ୍ଥାନରେ ଅବସ୍ଥାପିତ କରାଯାଏ । ତାହାପରେ ଦେବୀଙ୍କୁ ସୁମିଷ୍ଟ ପ୍ରପାନକ (ପଣା) ଅର୍ପଣ କରାଯାଇ ଶାରଦୀୟ ପୂଜାର ପରିସମାପ୍ତି କରାଯାଏ । ପରଦିନ ଦଶହରାରେ ବ୍ରାହ୍ମଣ ଓ ମନ୍ଦିର ଟ୍ରଷ୍ଟିଙ୍କର ମଙ୍ଗଳାରୋପଣ, ଅପରାଜିତା ସ୍ତୋତ୍ରପାଠ ସହିତ ଘଟ ବିସର୍ଜନ କରାଯାଏ । ଏହି ସମୟରେ ଦେଶର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସି ମା'ଙ୍କ ଦର୍ଶନ କରି ଭକ୍ତି ଅର୍ଘ୍ୟ ନିବେଦନ କରନ୍ତି ।

ଶରଣାଗତଦୀନାର୍ତ୍ତ ପରିତ୍ରାଣ ପରାୟଣେ
ସର୍ବସ୍ୟାର୍ତ୍ତିହରେ ଦେବି ! ନାରାୟଣି ! ନମୋଽସ୍ତୁତେ ॥

# ଏକ ପେଡ୍ ମା' କେ ନାମ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଏକ ପେଡ୍ ମା' କେ ନାମ ଅଭିଯାନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୨୪ ବିଶ୍ୱ ପରିବେଶ ଦିବସରେ ଆରମ୍ଭ କରାଯାଇଥିବା ଏକ ଦେଶବ୍ୟାପୀ ବୃକ୍ଷରୋପଣ ଅଭିଯାନ । ଏହି ପ୍ରୟାସର ଲକ୍ଷ୍ୟ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ମାତୃତ୍ୱକୁ ଶ୍ରଦ୍ଧାଞ୍ଜଳି ଦେବା । ବିଷୟବସ୍ତୁ - ବହୁତ ଅଂଶଗ୍ରହଣ : ଏହି ଅଭିଯାନ ଅଧୀନରେ ସାରା ଭାରତରେ ୮୦ କୋଟିରୁ ଅଧିକ ଚାରା ରୋପଣ କରାଯାଇଥିଲା, ଯାହା ବ୍ୟାପକ ଜନ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁ ପ୍ରଦର୍ଶନ କରିଥିଲା । ପରିବେଶିକ ଲାଭ : ଏହି ପ୍ରୟାସର ଲକ୍ଷ୍ୟ ସବୁଜ ଆଚ୍ଛାଦନ ବୃଦ୍ଧି କରିବା, କାର୍ବନ ପାଦଚିହ୍ନ ହ୍ରାସ କରିବା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା । ସାମାଜିକ ପ୍ରଭାବ: ସରକାରୀ ସଂସ୍ଥା, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ସମେତ ବହୁ ଅଂଶୀଦାରଙ୍କୁ ସାମିଲ କରି, ଏହି ଅଭିଯାନ ସାମୂହିକ ଦାୟିତ୍ୱ ଏବଂ ମାଲିକାନା ଭାବନାକୁ ପ୍ରୋତ୍ସାହିତ କରେ । ଉଦ୍ଦେଶ୍ୟ - ପରିବେଶିକ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବା : ବଡ ପରିମାଣର ବୃକ୍ଷରୋପଣ ଅଭିଯାନକୁ ଉତ୍ସାହିତ କରି ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରି । ସାମୁଦାୟିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା - ଏହି ଅଭିଯାନର ସ୍ଥାନୀୟ ସମ୍ପ୍ରଦାୟ, ସ୍କୁଲ ଏବଂ ସଂଗଠନଗୁଡିକୁ ସାମିଲ କରି । ମାତୃତ୍ୱକୁ ସମ୍ମାନ : ଜୀବନକୁ ପୋଷଣ କରିବାରେ ମା'ଙ୍କ ନାମରେ ଗଛ ଲଗାଇ ପ୍ରତୀକାତ୍ମକ ଭାବରେ ଗଛ ଲଗାଇ, ଜୀବନକୁ ପୋଷଣ କରିବାରେ ସେମାନଙ୍କର ଗୁରୁତ୍ୱକୁ ଉଜ୍ଜ୍ୱଳ କରି । ପର୍ଯ୍ୟାୟ ୨ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ, 'ଏକ ପେଡ୍ ମା କେ ନାମ ୨.୦' ୨୦୨୫ ବିଶ୍ୱ ପରିବେଶ ଦିବସରେ ଆରମ୍ଭ କରାଯାଇଥିଲା, ଯେଉଁଥିରେ ୫ ଜୁନ୍ ରୁ ୩୦ ସେପ୍ଟେମ୍ବର, ୨୦୨୫ ମଧ୍ୟରେ ସାରା ଭାରତରେ ୧୦କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି । ଏହି ପର୍ଯ୍ୟାୟ ପରିବେଶ ସଂରକ୍ଷଣ ଏବଂ ସାମୁଦାୟିକ ସମ୍ପୃକ୍ତିକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଭାବ-ସବୁଜ ଆବରଣ ବୃଦ୍ଧି - ଏହି ଅଭିଯାନ ସାରା ଭାରତରେ ସବୁଜ ଆବରଣ ବୃଦ୍ଧି କରିବାରେ ସହାୟକ ହୋଇଛି, ବିଶେଷକରି ସହରାଂଚଳ ଏବଂ ଗ୍ରାମାଂଚଳରେ । ପରିବେଶ ସଚେତନତା - ଏହି ପଦକ୍ଷେପ ପରିବେଶ ସଂରକ୍ଷଣ ଏବଂ ସ୍ଥାୟିତ୍ୱର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିଛି । ସମ୍ପ୍ରଦାୟ ବିକାଶ - ଏହି ଅଭିଯାନ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଏବଂ ସାମାଜିକ ଦାୟିତ୍ୱବୋଧର ଭାବନାକୁ ପ୍ରୋତ୍ସାହିତ କରିଛି । ଗୁରୁତ୍ୱ - ସାଂସ୍କୃତିକ ଭାବନାକୁ ଜଳବାୟୁ କାର୍ଯ୍ୟ ସହିତ ମିଶ୍ରଣ କରେ - ଏହି ଅଭିଯାନ ସାଂସ୍କୃତିକ ଭାବନାକୁ ଜଳବାୟୁ କାର୍ଯ୍ୟ ସହିତ ସମାନ କରିଥାଏ, ଜୀବନର ପୋଷଣ ଏବଂ ସୁରକ୍ଷାର ପ୍ରତୀକ । ତୃଣମୂଳସ୍ତରର ଅଂଶଗ୍ରହଣକୁ ସୁଦୃଢ କରେ, ଏହି ପଦକ୍ଷେପ ପରିବେଶଗତ ସ୍ଥିରତାରେ ତୃଣମୂଳସ୍ତରର ଅଂଶଗ୍ରହଣକୁ ସୁଦୃଢ କରେ ଏବଂ ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ବିଶ୍ୱ ପ୍ରୟାସରେ ଭାରତର ଅବଦାନକୁ ବୃଦ୍ଧି କରେ । ନାଗରିକ ସମ୍ପର୍କକୁ ସୁଦୃଢ କରେ : ଏହି ଅଭିଯାନ ବ୍ୟକ୍ତିଗତ, ଭାବପ୍ରବଣ ଦୃଷ୍ଟିକୋଣ ମାଧ୍ୟମରେ ସବୁଜ ଅଭିଯାନରେ ନାଗରିକଙ୍କ ସମ୍ପର୍କକୁ ସୁଦୃଢ କରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ସେପ୍ଟେମ୍ବର ୧୭ରେ ଏକ ବିଶାଳ ବୃକ୍ଷରୋପଣ ଅଭିଯାନ ଓଡିଶାରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଗତିଶୀଳ ହେଉଛି । ମୁଖ୍ୟ ବିଶେଷତ୍ୱ : ୭୫ ଲକ୍ଷ ଚାରା-ଓଡିଶା ଗୋଟିଏ ଦିନରେ ରାଜ୍ୟ ସାରା ୭୫ଲକ୍ଷ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏକ ବିଶ୍ୱ ରେକର୍ଡ ସ୍ଥାପନ କରିବାର ସମ୍ଭାବନା ରହିଛି । ଲକ୍ଷ୍ୟ ସରକାର ଚଳିତ ବର୍ଷ ୭.୫ କୋଟି ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛି, ଗତ ବର୍ଷର ସଫଳତା ଉପରେ ଆଧାର କରି ଏହର ୬.୭୨ କୋଟି ଚାରା ରୋପଣ କରି ଏହାର ଲକ୍ଷ୍ୟ ଅତିକ୍ରମ କରିଛି । ଭାଗୀଦାରୀ - ଏହି ଅଭିଯାନ ସରକାରୀ ବିଭାଗ, ପିଏସୟୁ, ଏନଜିଓ, ଯୁବ ସଂଘ, ସ୍ୱେଚ୍ଛାସେବୀ ସଂଗଠନ, ପଞ୍ଚାୟତିରାଜ ପ୍ରତିଷ୍ଠାନ, ସ୍କୁଲ, କଲେଜ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରେ । ଉଦ୍ଦେଶ୍ୟ - ପରିବେଶ ସଂରକ୍ଷଣ : ସାମୂହିକ ବୃକ୍ଷରେପାଣ ଏବଂ ପରିବେଶ ଅନୁକୂଳ ଅଭ୍ୟାସ ମାଧ୍ୟମରେ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା । ସମ୍ପ୍ରଦାୟିକ କାର୍ଯ୍ୟପନ୍ଥା - ନାଗରିକ ସରକାରୀ ସଂସ୍ଥା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସାମୂହିକ ଦାୟିତ୍ୱ ଏବଂ ମାଲିକାନା ବୃଦ୍ଧି କରିବା । ମାତୃତ୍ୱକୁ ସମ୍ମାନ କରନ୍ତୁ: ଜୀବନକୁ ପୋଷଣ କରିବାରେ ମାତୃତ୍ୱର ଗୁରତ୍ୱକୁ ପ୍ରତିପାଦନ କରି ପ୍ରତୀକାତ୍ମକ ଭାବରେ ଗଛ ଲଗାନ୍ତୁ । କାର୍ଯ୍ୟକାରିତା : ପ୍ରଜାତି ଚୟନ ଓ ସୁପାରିଶ କରାଯାଇଥିବା ଗଛ ପ୍ରଜାତିଗୁଡିକ ମଧ୍ୟରେ ନିମ, କରଞ୍ଜା, ତେନ୍ତୁଳି, ଅର୍ଜୁନ, ହରିଡା, ବାହାଡା, ପଣସ, ତାଳ, ଚିତ୍ର, କୃଷ୍ଣଚୂଡା, ପିପଲ, ଅଶୋକ, ଜାମୁନ, କଦମ୍ବ, ଆମଳା ଏବଂ ଅନ୍ୟାନ୍ୟ ସ୍ଥାନୀୟ ଜଳବାୟୁ ପରିସ୍ଥିତି ପାଇଁ ଉପଯୁକ୍ତ । ରୋପଣ ପରବର୍ତ୍ତୀ ଯତ୍ନ : ଗଛଗୁଡିକର ବଂଚିବା ଏବଂ ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଗଛଗୁଡିକର ଯତ୍ନ ଏବଂ ସୁରକ୍ଷା ଉପରେ ଗୁରୁତ୍ୱ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





# ବସ୍ତିରୁ ଜଳ ନିଷ୍କାସନ ପାଇଁ ଏନ୍‌ଏଚ୍‌ଆଇ ଓ ପୌରପ୍ରତିନିଧିଙ୍କ ତତ୍ପରତା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ଜନୀତ ଲଗାଣ ବର୍ଷାରେ ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ସୁଇପର କଲୋନୀରେ ବର୍ଷାପାଣି ଓ ଡ୍ରେନ୍‌ପାଣି ପଶି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲା । ବସ୍ତି ବାସିନ୍ଦାମାନେ ସୋମବାର ଦିନ ଘରୁ ବାହାରିନପାରି ପିଲା ଛୁଆଙ୍କ ସହିତ ସାରାରାତି ଘର ଭିତରେ ବନ୍ଦି ହୋଇ ରହିଥିଲେ । ଫଳରେ ବସ୍ତିରୁ ଜଳ ନିଷ୍କାସନ, ଡ୍ରେନ୍ ନିର୍ମାଣ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପ୍ରଦାନ ଦାବିରେ ବସ୍ତି ବାସିନ୍ଦାମାନେ ଗତ ମଙ୍ଗଳବାର ଦିନ ରାଜରାସ୍ତା ଅବରୋଧ କରିଥିଲେ । ବସ୍ତିର ଡ୍ରେନ୍, ରସ୍ତା ଓ ପରିମଳ ବ୍ୟବସ୍ଥାର ସୁଧାର ପାଇଁ ପୌରପାଳିକା ତରଫରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶୃତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ଏବେ ପୌର ପରିମଳ ବିଭାଗ ଦ୍ୱାରା ବସ୍ତିରେ ଥିବା ଡ୍ରେନ୍ ଗୁଡିକର ସଫେଇ କାର୍ଯ୍ୟ ଗୁରୁବାର ଠାରୁ ଆରମ୍ଭ କରାଯାଇଛି । ଜାତୀୟ ରାଜପଥ କଡରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ହେଉନଥିବାରୁ ବର୍ଷା ପାଣି ସହିତ ଡ୍ରେନ୍‌ର ବର୍ଜ୍ୟ ପାଣି ବସ୍ତିରେ ପଶି ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଥିବା ଲୋକମାନେ ଅଭିଯୋଗ କରିଥିଲେ ।



ଲୋକଙ୍କ ସମସ୍ୟାକୁ ଦେଖି ଗୁରୁବାର ଦିନ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀ ସୁଦିପ୍ତ ପାଉଲ, ଡ୍ରେନ୍ ନିର୍ମାଣକାରୀ ସଂସ୍ଥାର ଠିକାଦାର ପ୍ରତିନିଧି ଦିବ୍ୟଜ୍ୟୋତି ପ୍ରଭାଷ, ଡି.କେ. ସିଂ ପ୍ରମୁଖ ବସ୍ତି ପରିଦର୍ଶନ କରି ଅଧାପନ୍ତରିଆ ପଡିରହିଥିବା ଡ୍ରେନ୍‌ର ସ୍ଥିତି ତଦାରଖ କରିବା ସହିତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ପାଇଁ ବ୍ୟବସ୍ଥା କରିଥିଲେ । ଡ୍ରେନ୍ ନିର୍ମାଣ କାର୍ଯ୍ୟ ଖୁବ୍‌ଶିଘ୍ର ଶେଷ କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ ।



# ପ୍ରାଣୀ ସହାୟକ କେନ୍ଦ୍ର ପାଲଟିଛି ମଦୁଆଙ୍କ ଅଡ୍ଡାସ୍ଥଳୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କରେ ଥିବା ନାରାୟଣ ନଗର ପ୍ରାଣୀ ସହାୟକ କେନ୍ଦ୍ର ଏବେ ପାଲଟିଛି ମଦୁଆଙ୍କ ଅଡ୍ଡାସ୍ଥଳୀ । ସୂଚନାଯୋଗ୍ୟ ଯେ ଅଞ୍ଚଳର ଗୃହପାଳିତ ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ୧୯୭୦ ମସିହାରେ ଏହି ପ୍ରାଣୀ ସହାୟକ କେନ୍ଦ୍ର ଖୋଲାଯାଇଥିଲା । ତେବେ ଗତ ଜାନୁଆରୀ ମାସରୁ ଏଠାରେ ପ୍ରାଣୀ ଧନ ନିରୀକ୍ଷକ ପଦବୀ ଖାଲିପଡିଥିବାରୁ ମୁଣ୍ଡାପଡା ପ୍ରାଣୀ ନିରୀକ୍ଷକ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି । ତେବେ ସେ ତିନୋଟି ପ୍ରାଣୀ ସହାୟକ ଦାୟିତ୍ୱରେ ଥିବାରୁ ପ୍ରାୟତଃ ଏହା ବନ୍ଦ ରହୁଛି । ତେବେ ସନ୍ଧ୍ୟା ହେଲେ ଏହାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ମଦର ଆସର ଜମାଉଛନ୍ତି । କେବଳ ସନ୍ଧ୍ୟା ନୁହେଁ ଦିନରେ ବି ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟୁଛି । ଏହା ନିଛାଟିଆ ଓ ଅନ୍ଧାର ରହୁଥିବାରୁ ମଦୁଆଙ୍କ ଚରାଭୂଇଁ ପାଲଟିଛି । ଏହି ମଦ୍ୟପମାନେ ରାତିରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ପ୍ରସ୍ତାବିତ ଫାର୍ମାସ୍ୟୁଟିକାଲ ଗଞ୍ଜାମରୁ କେନ୍ଦୁଝରରେ ସ୍ଥାନାନ୍ତର ପାଇଁ ଚାଲିଛି ମସୁଧା !

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବହୁ ଦାବି ସତ୍ୱେ ଗଞ୍ଜାମ ପରିବର୍ତ୍ତେ ସମ୍ବଲପୁର ଠାରେ ଆଇଆଇଏମ୍ ଭଳି ଜାତୀୟସ୍ତରର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଯାହା ସମଗ୍ର ଗଞ୍ଜାମ ଜିଲ୍ଲା କାହିଁକି ସମଗ୍ର ଦକ୍ଷିଣ ଓଡ଼ିଶାବାସୀଙ୍କୁ ଦୁଃଖ ଓ ବ୍ୟଥିତ କରିଥିଲା । ବର୍ତ୍ତମାନ ପୁଣି ରାଜ୍ୟରେ ଗୋଟିଏ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ ଏହାକୁ ମଧ୍ୟ ଗଞ୍ଜାମ ପରିବର୍ତ୍ତେ କେନ୍ଦୁଝରରେ ପ୍ରତିଷ୍ଠା କରିବାକୁ ମସୁଧା ଚାଲିଛି । ଯାହାକୁ ନେଇ ଦଳମତ ନିର୍ବିଶେଷରେ ଗଞ୍ଜାମ ଜିଲ୍ଲା ସମେତ ସମଗ୍ର ଦକ୍ଷିଣ ଓଡ଼ିଶାରେ ବୁଦ୍ଧିଜୀବୀ ଓ ରାଜନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରକୁ ଫାର୍ମାସ୍ୟୁଟିକାଲ୍‌ସ୍ ଶିକ୍ଷା ଓ ଗବେଷଣାର ଏକମାତ୍ର ହବ୍ ବୋଲି କୁହାଯାଉଥିବା ବେଳେ ଏଠାରେ ପ୍ରସ୍ତାବିତ ନାଇପର ପ୍ରତିଷ୍ଠା କରିବାକୁ ଦୀର୍ଘ ଦିନରୁ ଦାବି ହୋଇଆସିଛି । କେବଳ ଦାବି ହୋଇନାହିଁ ବରଂ ଜିଲ୍ଲାର ଅଧିକାଂଶ ବିଧାୟକ ଓ ସାଂସଦ ଗତ ମାର୍ଚ୍ଚ ୧୯ ତାରିଖରେ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଥିଲେ । ସହର ତଥା ଉପକଣ୍ଠରେ ଏକାଧିକ ଫାର୍ମାସୀ ମହାବିଦ୍ୟାଳୟ ସହିତ ରାଜ୍ୟର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମଧ୍ୟ ଫାର୍ମାସୀ ପାଠ୍ୟକ୍ରମ ରହିଛି । ସେପଟେ ବ୍ରହ୍ମପୁର ସହର ନିକଟରେ ଗୋପାଳପୁର ବନ୍ଦର, ଜାତୀୟ ରାଜପଥ, ରଙ୍ଗେଇଲୁଣ୍ଡା ବିମାନବନ୍ଦର ସହିତ ସୁଗମ ରେଳପଥର ବ୍ୟବସ୍ଥା ରହିଥିବାରୁ ନାଇପର ଭଳି ଏକ ଜାତୀୟ ଶିକ୍ଷା ପ୍ରତିଷ୍ଠାନ କରିବାରେ କୌଣସି ସମସ୍ୟା ନଥିବା ଦର୍ଶାଇ ହୋମ୍ବ ସିଇଟିଂ, ଆଇପିଜିଏ ରାଜ୍ୟ ଶିକ୍ଷା ସମେତ ଦକ୍ଷିଣ ଓଡ଼ିଶା ଫାର୍ମାସିଷ୍ଟ ସଂଘ ସୋପା ଭଳି ବିଭିନ୍ନ ସଂଗଠନ ପକ୍ଷରୁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି । ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷିତ ତଥା ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ଏକମାତ୍ର ନାଇପରକୁ କେନ୍ଦୁଝରରେ ପ୍ରତିଷ୍ଠା ନେଇ ମସୁଧା ଚାଲିଥିବା ବେଳେ ଏକ୍ଷେତ୍ରରେ ମଧ୍ୟ ଗଞ୍ଜାମ ଅବହେଳିତ ହେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ଆଦି କର୍ମଯୋଗୀ ଅଭିଯାନକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଆଦି କର୍ମଯୋଗୀ ଅଭିଯାନର ପ୍ରଗତି ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା ବୈଠକ ଭୁବନେଶ୍ୱରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ)ଠାରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ (ଧରତି ଆବା ଜନଜାତୀୟ ଗ୍ରାମୀଣ ଉତ୍କର୍ଷ ଅଭିଯାନ) ତଥା ଓଡ଼ିଶା ରାଜ୍ୟ ପ୍ରଭାରୀ ବର୍ଣ୍ଣାଲି ଡେକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ଅଭିଯାନର ଅଗ୍ରଗତି ଏବଂ ରାଜ୍ୟ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ ଗ୍ରହଣ କରାଯାଇଥିବା ଅଭିନବ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଓଡ଼ିଶାରେ ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରୀୟ ପ୍ରୟୋଗଶାଳାଗୁଡ଼ିକ ସଫଳତାର ସହ ସମାପନ ହୋଇଥିବାରୁ ଶ୍ରୀମତୀ ଡେକା ସନ୍ତୋଷ ବ୍ୟକ୍ତ କରିଛନ୍ତି । ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରି, ନିର୍ଦ୍ଦେଶକ ଶ୍ରୀମତୀ ଡେକା କହିଛନ୍ତି ଯେ ଓଡ଼ିଶା ଆଦି କର୍ମଯୋଗୀ ଅଭିଯାନକୁ କାର୍ଯ୍ୟକାରୀ କରିବାରେ ସକ୍ରିୟ ଆଭିମୁଖ୍ୟ ପ୍ରଦର୍ଶନ କରିଛି । ପ୍ରତ୍ୟେକ ବ୍ଲକର ଗ୍ରାମ ସଂଖ୍ୟା ସହିତ ସମନ୍ୱୟ ରଖି ଜିଲ୍ଲା ମାଷ୍ଟର ପ୍ରଶିକ୍ଷକ ଏବଂ ବ୍ଲକ ମାଷ୍ଟରମାନଙ୍କୁ ନିଯୁକ୍ତି କରିବାର ଅଭିନବ ରଣନୀତି କାର୍ଯ୍ୟକ୍ରମର ପ୍ରଭାବଶାଳୀ ପ୍ରସାରଣକୁ ସକ୍ଷମ କରିବ ଏବଂ ଅଭିଯାନର ସଫଳତା ସୁନିଶ୍ଚିତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେ ପରାମର୍ଶ ଦେଇ କହିଛନ୍ତି ଯେ ଜିଲ୍ଲାଗୁଡ଼ିକର ସମ୍ବଳ ଆଧାରରେ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର, ଜଙ୍ଗଲ ଜମି ଅଧିକାର ଆଇନ ଅଧୀନରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା ଆଦି ଉପରେ ଗ୍ରାମ୍ୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ ଉପରେ ରାଜ୍ୟ ଧ୍ୟାନ ଦେଲେ ସମଗ୍ର ପ୍ରକ୍ରିୟା ମୂଲ୍ୟଯୁକ୍ତ ହୋଇପାରିବ ଏବଂ ଏହା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଦୃଷ୍ଟାନ୍ତ ଭାବରେ କାର୍ଯ୍ୟ କରିବ । ବୈଠକରେ ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ, ରାଜ୍ୟ ୟୁଏନଡିପି-ପିଏମୟୁ ସଦସ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରୁ ଜଣାପଡ଼ିଛି ଯେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ୧୮ ସେପ୍ଟେମ୍ବର ୨୦୨୫ରୁ ସାରା ରାଜ୍ୟରେ ଗ୍ରାମସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି ଏବଂ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଏହା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଗୋଷ୍ଠୀ ସଂପୃକ୍ତିକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସଂପୃକ୍ତ କରି ଜିଲ୍ଲାଗୁଡ଼ିକ ଆଦି ସାଥୀ ଏବଂ ଆଦି ସହଯୋଗୀଙ୍କ ଚିହ୍ନଟ ଚୂଡ଼ାନ୍ତ କରୁଛନ୍ତି । ତୃଣମୂଳ ସ୍ତରରେ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ପ୍ରଶାସନ, ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ଏବଂ ନାଗରିକ ସମାଜ ମଧ୍ୟରେ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଶ୍ରୀମତୀ ଡେକା ୧୬ ରୁ ୧୮ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ତାଙ୍କର ୩ ଦିନିଆ ଓଡ଼ିଶା ଗସ୍ତ ସମୟରେ ଆଦି କର୍ମଯୋଗୀ ଅଭିଯାନ ଏବଂ ଗ୍ରାମସ୍ତରୀୟ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିବା ପାଇଁ ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିଥିଲେ ।

# ପଞ୍ଚାୟତ ସମିତି ଓ ଜିଲ୍ଲା ସ୍ତରରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମିନି କନ୍‌ଫରେନ୍ସ ହଲ୍ ଠାରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧକ୍ଷତାରେ ଚଳିତ ୨୦୨୫ ବର୍ଷର ବରିଷ୍ଠ ନାଗରିକ ଦିବସ ସୁବର୍ଣ୍ଣପୁର ଜିଲ୍ଲାରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଅଞ୍ଜଳିନା ପ୍ରଧାନ, ଉପ-ଜିଲ୍ଲାପାଳ, ବୀରମହାରାଜପୁର, ଡେପୁଟି କଲେକ୍ଟର, ସୋନପୁର, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୋନପୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଉଷାରାଣୀ ଦାଶ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଓ ବୀରମହାରାଜପୁର ଉପଖଣ୍ଡରେ ଥିବା ସମସ୍ତ ବରିଷ୍ଠ ନାଗରିକ ସଂଘ ବା ଏସୋସିଏସନ୍‌ର ସଭାପତି ଓ ସମ୍ପାଦକବୃନ୍ଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଉପଖଣ୍ଡ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମାନଙ୍କ ସମେତ ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ମହିଳା ଓ ଜିଲ୍ଲା କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆସିଥିବା ନିର୍ଦ୍ଦେଶାବଳୀକୁ ବୈଠକରେ ସମସ୍ତଙ୍କ ଅବଗତ ନିମନ୍ତେ ଉପସ୍ଥାପନ କରିଥିଲେ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଳିତ ବର୍ଷ ପଞ୍ଚାୟତ ସମିତି ଓ ଜିଲ୍ଲା ସ୍ତରରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବ । ଏହି ଅବସରରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ମାନଙ୍କ ସୁପାରିଶ କ୍ରମେ ଜୀବିତ ଥିବା ବରିଷ୍ଠ ନାଗରିକ ସ୍ୱାଧୀନତା ସଂଗ୍ରାମୀ ଓ ଜିଲ୍ଲାର ବିଶିଷ୍ଟ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନିତ କରାଯିବ ପାଇଁ ନିର୍ଦ୍ଦେଶ ରହିଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ । ତେଣୁ, ପ୍ରସ୍ତୁତି ବୈଠକର ସମସ୍ତେ ନିଜ ନିଜ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ, ସେ ବିଷୟରେ ବିଶଦ ଭାବରେ ଆଲୋଚନା କରାଗଲା । ବ୍ଲକ ସ୍ତରରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ହୋଇଛି । ତତ୍ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଅନ୍ୟ ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ କରି ବରିଷ୍ଠ ନାଗରିକ ମାନଙ୍କ ପରାମର୍ଶ କ୍ରମେ ଆଡମ୍ବର ସହକାରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବା ପାଇଁ ନିଷ୍ପତି ହୋଇଛି । ଶେଷରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ତରଭା ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।





# ସାତ ମାସ ହେଲା ଭତ୍ତା ନପାଇ ବୃଦ୍ଧଙ୍କ ହଟହଟା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଗରିବ, ଅସହାୟ, ବିଧବା, ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ପ୍ରତିମାସର ୧୫ ତାରିଖରେ ରାଜ୍ୟ ଓ କେନ୍ଦ୍ର ସରକାର ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ ମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି । ଏହାଦ୍ୱାରା ସେମାନେ ନିଜର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସହିତ ପରିବାରର ଅଭାବକୁ କିଛି ମାତ୍ରାରେ ପୂରଣ କରିପାରିବ । କିନ୍ତୁ ବ୍ଲକ ପ୍ରଶାସନର ଭୁଲ୍ ପାଇଁ ଦଣ୍ଡ ଭୋଗିବାକୁ ପଡୁଛି ଏମାନଙ୍କୁ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗ୍ରାମରେ । ପରିବାର କହିଲେ ଦୟା ପ୍ରଧାନ (୬୫) ସ୍ତ୍ରୀ ଓ ଦୁଇ ପୁଅ । ଦୁଇ ପୁଅ ବାହାରେ କାମ କରୁଛନ୍ତି । ତେବେ ଦୟା ୭ ମାସ ହେଲା ଭତ୍ତା ମିଳୁନଥିବାରୁ ଅତି କଷ୍ଟରେ ଜୀବନ ଯାପନ କରୁଛନ୍ତି । ସେ ଜଣେ ବିପି ରୋଗୀ ହୋଇଥିବାରୁ ହାତରେ କିଛି ଟଙ୍କା ନଥିବାରୁ ନିୟମିତ ଔଷଧ କିଣି ଖାଇପାରୁନାହାନ୍ତି । ବୟସାଧିକ ହେତୁ କୌଣସି କାମ କରିପାରୁନାହାନ୍ତି । ଜବ୍ କାର୍ଡ ଥିଲେ ମଧ୍ୟ ତାଙ୍କ ସ୍ତ୍ରୀକୁ ପଞ୍ଚାୟତରେ ମନରେଗା ଯୋଜନାରେ କାମ ମିଳେନାହିଁ । ଫଳରେ ଚାଷ ବେଳେ ମୂଲ ଲାଗନ୍ତି । ବର୍ତମାନ କୌଣସି କାମ ମିଳୁନାହିଁ । ପଞ୍ଚାୟତରୁ ମିଳୁଥିବା ୨୦ କେଜି ଚାଉଳ ଓ ମାସକୁ ପାଉଥିବା ଭତ୍ତା ସାହା ଭରସା । କିନ୍ତୁ ୭ ମାସ ହେଲା ଭତ୍ତା ମିଳୁନଥିବାରୁ ଭାରି କଷ୍ଟରେ ଚଳୁଥିବା କହନ୍ତି । ତେବେ କାହିଁକି ଭତ୍ତା ବନ୍ଦ ହୋଇଛି ବୋଲି ଖବର ନେବାରୁ ଜାନୁଆରୀ ମାସରେ ମଞ୍ଜୁରୀ ନହୋଇ ୧୨ ଶହ ଟଙ୍କା ପାଇଥିବାରୁ ସେଥିପାଇଁ ଭତ୍ତା ହୋଲ୍ଡ଼ କରାଯାଇଛି ବୋଲି ବ୍ଲକ ଅଧିକାରୀଙ୍କ ଠାରୁ ସୂଚନା ମିଳେ । ତେବେ ଏଠାରେ ପ୍ରଶ୍ନ ଉଠେ ଭୁଲ୍ କରିବ କିଏ ଦଣ୍ଡ ଭୋଗିବ କିଏ । କେବଳ ପଞ୍ଚାୟତରେ ଦୟା ଭଳି ଅନେକ ବୃଦ୍ଧ ବୃଦ୍ଧା ଏହି ସମସ୍ୟାରେ ପଡ଼ିଥିଲେ ମଧ୍ୟ କାହାକୁ ଗୁହାରି କରିବେ ଜାଣିପାରୁନାହାନ୍ତି । ବ୍ଲକ ପ୍ରଶାସନ ତୁରନ୍ତ ଏହାର ସମାଧାନ କରି ବକେୟା ଥିବା ହିତାଧିକାରୀଙ୍କ ଭତ୍ତାକୁ ଶୀଘ୍ର ଦେବାକୁ ଦାବି ହେଉଛି ।

# ବୌଦ୍ଧରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଅଙ୍ଗନୱାଡି କେନ୍ଦ୍ରରେ ବାଉଁଶୁଣି ଗୋଷ୍ଠୀ ରୋଗର ଚିହ୍ନଟ ଓ ଚିକିତ୍ସା, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ବୟସ ଅନୁଯାୟୀ ଟୀକାକାରଣ ଇତ୍ୟାଦି ଚିକିତ୍ସା, ଋତୁସ୍ରାବଜନିତ



ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜହ୍ନାପଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ଶୁଭସ୍ମିତା ପାଣିଗ୍ରାହୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ରଶ୍ମିରେଖା ପଣ୍ଡା ଯୋଗଦେଇ ଅଣ ସଂକ୍ରାମକ, ଯକ୍ଷ୍ମା, ରକ୍ତହୀନତା, ସିକିଲ ସେଲ୍ ଆଦି ପରିଚ୍ଛନ୍ନତା, ଖାଦ୍ୟରେ ତେଲ ଓ ଚିନି କମ୍ କରିବା ଉପରେ ସଚେତନତା କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ପଦ୍ମାବତୀ ନାଏକ, ସ୍ନେହାଳୀ ବିଶ୍ୱାଳ, ଆଶାକର୍ମୀ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଜାହ୍ନବି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଜାତୀୟ ପତାକା ପ୍ରତ୍ୟେକ ଭାରତୀୟଙ୍କ ଆଶା ଓ ଉଚ୍ଚାକାଂକ୍ଷାର ପ୍ରତୀକ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ପତାକାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ । ଭାରତୀୟ ଜାତୀୟ ପତାକା ଆଶା ଓ ଉଚ୍ଚକାଂକ୍ଷା ଭାବେ ଆମ ଦେଶର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିଥାଏ । ତେଣୁ ଜାତୀୟ ପତାକାକୁ ଭଲ ପାଇବା, ସମ୍ମାନ ଦେବା ଓ ଏହା ପ୍ରତି ଆନୁଗତ୍ୟ ଦେଖାଇବା ଉଚିତ୍ । ଜାତୀୟ ସମ୍ମାନ ନିୟମ ୧୯୭୧ ଅନୁଯାୟୀ ଜାତୀୟ ପତାକାକୁ ଅସମ୍ମାନ କଲେ ଆଇନାନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି । ସେହିପରି ଫ୍ଲାଗ୍ କୋର୍ଡ ଅଫ୍ ଇଣ୍ଡିଆ-୨୦୦୨ ନିୟମ ଅନୁଯାୟୀ ଏହାର ବ୍ୟବହାର ସଠିକ୍ ଭାବରେ କରାଯିବା ଉଚିତ୍ । ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡା ମହାକୁମ୍ଭ ସମୟରେ ପ୍ଲାଷ୍ଟିକ୍ ଜାତୀୟ ପତାକା ପରିବର୍ତ୍ତେ କାଗଜରେ ତିଆରି ଜାତୀୟ ପତାକା ବ୍ୟବହାର କରାଯିବା ଉଚିତ୍ । ଏହି ସବୁ କାର୍ଯ୍ୟକ୍ରମ ସମୟରେ ଜନସାଧାରଣ ବ୍ୟବହାର କରୁଥିବା କାଗଜ ତିଆରି ଜାତୀୟ ପତାକାକୁ ଏଣେ ତେଣେ ପଡିଆରେ ପକାଇଥାନ୍ତି, ଯାହାକି ଜାତୀୟ ପତାକାକୁ ଅସମ୍ମାନ ଅଟେ । ସରକାରଙ୍କ ବିନା ଆଦେଶରେ ଜାତୀୟ ପତାକାକୁ ଅର୍ଦ୍ଧ ନମିତ ଭାବରେ ଉଡାଇବା ଅନୁଚିତ୍ । ଜାତୀୟ ପତାକାକୁ ପୋଷାକ ପରିଛଦ, ୟୁନିଫର୍ମ, କୌଣସି ପ୍ରକାର ଗଦି, ରୁମାଲ୍, ଗାମୁଛା ଓ ପୋଷାକ ପତ୍ରରେ ବ୍ୟବହାର କରାଯାଇପାରିବନାହିଁ । ଜାତୀୟ ପତାକା ଉପରେ କୌଣସି ଲେଖାଲେଖି କରିବା ଅନୁଚିତ୍ । କୌଣସି ଆତିଥ୍ୟ ଗ୍ରହଣ ସମୟରେ, ବିତରଣ ସମୟରେ, କୌଣସି ଦ୍ରବ୍ୟ ବହନ ସମୟରେ ଜାତୀୟ ପତାକାକୁ ବ୍ୟବହାର କରାଯାଇ ପାରିବନାହିଁ । ସାଧାରଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ ସମୟରେ ପତାକା ଉଡାଇବା ପୂର୍ବରୁ କେବଳ ପତାକା ମଧ୍ୟରେ ଫୁଲ ପାଖୁଡା ରଖାଯାଇ ପାରିବ । ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ପ୍ରତିମୂର୍ତ୍ତିକୁ ଆଚ୍ଛାଦିତ କଲାଭଳି ଜାତୀୟ ପତାକା ବ୍ୟବହାର କରାଯାଇ ପାରିବ ନାହିଁ । ପ୍ରତିମୂର୍ତ୍ତି ସ୍ଥଳରେ ପୃଥକ ଭାବରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇପାରିବ । ଇଛାକୃତ ଭାବେ ଜାତୀୟ ପତାକାକୁ ଚଟାଣ, ଭୂମି କିମ୍ବା ଜଳରେ ସ୍ପର୍ଶ କରାଯିବା ଅନୁଚିତ୍ । ଯାନବାହାନ ରେଳଗାଡି, ନୌକା, ବିମାନର ହୁଡ୍, ପଛପାଖ, ଉଭୟ ପାର୍ଶ୍ୱରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବନାହିଁ । ଜନସାଧାରଣ ଓ ଅନୁଷ୍ଠାନ ଏ ସମ୍ପର୍କରେ ସଚେତନତା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି ।



# ବର୍ଣ୍ଣବୋଧ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବର୍ଣ୍ଣବୋଧ ଶିକ୍ଷାର ପ୍ରସାର ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଶିକ୍ଷା ଉପରେ ଗୁରୁତ୍ୱାରୋପ ପ୍ରଦାନ କରାଯାଉଥିବା ବେଳେ ବର୍ଣ୍ଣବୋଧ ଶିକ୍ଷାର ପ୍ରସାର ଧିରେ ଧିରେ କମିବାରେ ଲାଗିଛି । ଏହାର ପ୍ରସାର ପାଇଁ ଟ୍ରଷ୍ଟ ପକ୍ଷରୁ ଜଗତସିଂହପୁର ଜିଲ୍ଲାର ପାରାଦୀପ ମୁଣ୍ଡା ବସ୍ତିରେ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଷ୍ଟ ପକ୍ଷରୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, କାଳନ୍ଦୀ ମଲ୍ଲିକ, ଦେବେନ୍ଦ୍ର ନାୟକ, ବାପି ଗୋଚ୍ଛାୟତ, ବରଦାକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଣଧାନ ବିହନ ବଣ୍ଟନରେ ଅବ୍ୟବସ୍ଥା:କାର୍ଯ୍ୟାନୁଷ୍ଠାନ ଶୂନ୍

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଅଣଧାନ ଚାଷ ବିହନ ବଣ୍ଟନରେ ମହାଶକ୍ତି ଫାଉଣ୍ଡେସନ୍ ଏନ୍.ଜି.ଓ. ସଂସ୍ଥା ବ୍ୟାପକ ଦୁର୍ନୀତି କରିଥିବାର ଚାଷୀମାନଙ୍କ ଅଭିଯୋଗ ପରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତ କମିଟୀ ଘେଁସ ଓ ଅଞ୍ଚଳରେ ତଦନ୍ତ ଆରମ୍ଭ କରିଛନ୍ତି । ସୋହେଲା ଏଡିଓ ଜ୍ଞାନେନ୍ଦ୍ର ଦଳେଇଙ୍କ ନେତୃତ୍ୱରେ ସହକାରୀ ଗୋଷ୍ଠୀ କୃଷି ଅଧିକାରୀ ଅଭିଷେକ ଅଗ୍ରୱାଲ ଓ ଆଦର୍ଶ ସାହୁ ଘେଁସ ଅଞ୍ଚଳର ଘେଁସ, ତିଲେଇମାଲ, ବଡ଼ମାଲ, ଚୁହାନପାଲି, ବନ୍ଧପାଲି, ତୁରୀମୁଣ୍ଡା ଏଭଳି ବିଭିନ୍ନ ଗ୍ରାମର ଚାଷୀମାନଙ୍କ ପାଖକୁ ପହଞ୍ଚି ପଚାରି ବୁଝିଛନ୍ତି । ମହାଶକ୍ତି ଫାଉଣ୍ଡେସନ୍ ଠାରୁ ଚାଷୀମାନେ କେତେ ପରିମାଣର ମୁଗ, ବିରି, ଚଣା, ଶୋରିଷ ପ୍ରଭୃତି ବିହନ, କୀଟନାଶକ ଔଷଧ ଓ ତତ୍ ସମ୍ବନ୍ଧିତ ସହଯୋଗ ପାଇଛନ୍ତି ତାହା ଚାଷୀମାନଙ୍କ ଠାରୁ ବୁଝି ଅଧିକ ତଦନ୍ତ ଜାରି ରଖିଛନ୍ତି । ଏହାପୂର୍ବରୁ ମଧ୍ୟ ପଦ୍ମପୁର ଏଡିଏମ୍ କୁନାଲ ମୋତିରାମ, ଜିଲ୍ଲା କୃଷି ଅଧିକାରୀ ଲୋଚନ ମାଝି ଓ ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିବା ବେଳେ ବର୍ତ୍ତମାନ ପୁଣି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ତଦନ୍ତ ଜାରି ରଖିଛନ୍ତି । ଗତ ୨୦୨୩-୨୪ ରବିଋତୁ ସିଜନ୍‌ରେ ଅଣଧାନ ଚାଷ ପାଇଁ ଟେଣ୍ଡରରେ ନେଇଥିବା ହାଇଦ୍ରାବାଦ ICRISAT



ସଂସ୍ଥା ପକ୍ଷରୁ ମହାଶକ୍ତି ଫାଉଣ୍ଡେସନୟକୁ ସୋହେଲା ବ୍ଲକ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା । ତେବେ ମହାଶକ୍ତି ଫାଉଣ୍ଡେସନୟ ନିଜର ଦାୟଶତ୍ୱ ସଠିକ୍ ଭାବେ ନକରି ରାତାରାତି ଅଧିକ ଉପାର୍ଜନ କରିବା ଆଶାରେ ଚାଷୀମାନଙ୍କୁ ଜଣପ୍ରତି ୫ ରୁ ୧୦ କେଜି ବିହନ ବଣ୍ଟନ କରିଥିବାବେଳେ ତାଙ୍କ କାଗଜପତ୍ରରେ ଜଣ ପ୍ରତି ୮୦ କେଜିରୁ ୯୫ କେଜି ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରକାଶ କରିଛନ୍ତି । ମହାଶକ୍ତି ଫାଉଣ୍ଡେସନୟର ଏଭଳି କଳାକାରନାମା ବା ଦୁର୍ନୀତି ବିଶେଷ ସୂତ୍ରରୁ ସୂଚନା ପାଇ ଚାଷୀମାନେ ଆର୍.ଟି.ଆଇ.ର ସହାୟତାକ୍ରମେ ଜାଣିବାକୁ ପାଇଥିଲେ । ଏନେଇ ଚାଷୀମାନେ ମହାଶକ୍ତି ଫାଉଣ୍ଡେସନ୍ ନାମରେ ବରଗଡ଼ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ତେବେ ଚାଷୀମାନେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନିକ ପକ୍ଷରୁ ତଦନ୍ତ ଆଳ ଦେଖାଇ ବର୍ଷାଧିକକାଳ ପରେ ମଧ୍ୟ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତଦନ୍ତକାରୀ ବିଭାଗୀୟ ଅଫିସର ମାନଙ୍କ ପ୍ରତି ବିଶ୍ୱାସ କରିପାରୁନଥିବା ଚାଷୀମାନେ ମତପ୍ରକାଶ କରିଛନ୍ତି । ଏନେଇ ତଦନ୍ତକାରୀ ଟିମ୍ ସହିତ ଥିବା ସହକାରୀ କୃଷି ଅଧିକାରୀଙ୍କୁ ବୁଝିବାରୁ ମହାଶକ୍ତି ଫାଉଣ୍ଡେସନ୍‌କୁ ସବିଶେଷ ତଥ୍ୟ ଜମାଦେବାକୁ ବାରମ୍ବାର ଚିଠି କରିଥିଲେ ମଧ୍ୟ ସେମାନେ କୌଣସି ତଥ୍ୟ କୃଷିବିଭାଗକୁ ଦେଉନଥିବା ପ୍ରକାଶ କରିଥିଲେ । ତେବେ କୃଷି ବିଭାଗର ନିର୍ଦ୍ଦେଶକୁ ପାଳନ କରୁନଥିବା ଏକ ସଂସ୍ଥାକୁ କାହାସ୍ୱାର୍ଥରେ ପୁଣି ପରିଚାଳନା ଦାୟିତ୍ୱ ଦିଆଯାଉଛି ସେନେଇ ଚାଷୀମହଲରେ ପ୍ରଶାସନିକ ଅଧିକାରୀ ଓ ସଂପୃକ୍ତ ଏନ୍.ଜି.ଓ. ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଆହୁରି ସନ୍ଦେହ ସୃଷ୍ଟି ହେଉଛି ।

## ////// ଦୟନୀୟ ସ୍ଥିତିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ହଷ୍ଟେଲ୍ //////

# ମୂଲ୍ଲୁନି ହଷ୍ଟେଲ୍ ରୁମ୍:ଭଡ଼ାଟିଆ ପାଲଟିଛନ୍ତି ବହୁ ଛାତ୍ରଛାତ୍ରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଦକ୍ଷିଣ ଓଡ଼ିଶାର ବହୁ ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ । ଏହି ଅନୁଷ୍ଠାନରେ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ ନିମନ୍ତେ ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣ ଓଡ଼ଶାର ବହୁ ଛାତ୍ରଛାତ୍ରୀ ନାମ ଲେଖାଇଥାନ୍ତି । ନିଜ ଘର ଛାଡ଼ି ବହୁ ଦୂରଦୂରାନ୍ତରୁ ଛାତ୍ରଛାତ୍ରୀ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କ ହଷ୍ଟେଲର ବ୍ୟବସ୍ଥା କରାଯାଇଛି । କିନ୍ତୁ ବିଶ୍ୱବିଦ୍ୟାଳୟ ଅସୁରକ୍ଷିତ ହଷ୍ଟେଲ୍ ଛାତ୍ରଛାତ୍ରୀଙ୍କୁ ଚିନ୍ତାରେ ପକାଇଛି । ସଠିକ୍ ସମୟରେ ହଷ୍ଟେଲ୍ ମରାମତି ନ ହେବାରୁ ତାହା ବର୍ତମାନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଲୋଡ଼ା ହୋଇପଡ଼ିଛି । ଫଳରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପଢୁଥିବା ଶତାଧିକ ଛାତ୍ରଛାତ୍ରୀ ହଷ୍ଟେଲ୍ ନପାଇ ସହରର ବିଭିନ୍ନ ସ୍ଥାନରେ ଘରଭଡ଼ା ନେଇ ରହୁଛନ୍ତି । ବିଶ୍ୱବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ନିମନ୍ତେ ମୋଟ୍ ୧୯ଟି ବିଭାଗ ରହିଥିବା ବେଳେ ସର୍ବମୋଟ୍ ୪୮୮ଟି ମଞ୍ଜୁରୀପ୍ରାପ୍ତ ସିଟ୍ ରହିଛି । ଉକ୍ତ ବିଭାଗ ଗୁଡ଼ିକରେ ୨୦୨୩-୨୪ ଶିକ୍ଷା ବର୍ଷରେ ୪୬୮ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୪୬୪ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଏଭଳି ଭାବେ ପିଜି ପାଠ୍ୟକ୍ରମରେ ବର୍ତମାନ ବିଶ୍ୱବିଦ୍ୟାଳୟରେ ମୋଟ୍ ୯୩୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେହିପରି ୟୁଜି ପାଠ୍ୟକ୍ରମରେ ସର୍ବମୋଟ୍ ୧୩୧୨ଟି ସିଟ୍ ରହିଛି । ୨୦୨୨-୨୩ ଶିକ୍ଷା ବର୍ଷରେ ୧୨୮୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୦୨୩-୨୪ ଶିକ୍ଷାବର୍ଷରେ ୧୨୯୫ ଜଣ ଓ ୨୦୨୪-୨୫ ଶିକ୍ଷାବର୍ଷରେ ୧୨୯୯ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ତିନୋଟି ଶିକ୍ଷାବର୍ଷ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୟୁଜି ପାଠ୍ୟକ୍ରମରେ ସର୍ବମୋଟ୍ ୩୮୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ତେବେ ବିଶ୍ୱବିଦ୍ୟାଳୟରେ ଉଭୟ ପିଜି ଓ ୟୁଜି ପାଠ୍ୟକ୍ରମରେ ମୋଟ୍ ୪ ହଜାର ୮୧୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେଥିମଧ୍ୟରୁ ଦୂରଦୂରାନ୍ତରୁ ଆସିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶ୍ୱବିଦ୍ୟାଳୟ ପିଜି ଛାତ୍ରଙ୍କ ନିମନ୍ତେ ୯୦ ଶଯ୍ୟା ବିଶିଷ୍ଟ ରାମଚନ୍ଦ୍ର ମର୍ଦ୍ଦରାଜ ପୁରୁଷ ହଷ୍ଟେଲ୍ ରହିଥିବା ବେଳେ ଛାତ୍ରୀଙ୍କ ପାଇଁ ୧୬୦ ଶଯ୍ୟା ବିଶିଷ୍ଟ ସ୍ୱାମୀ ବିବେକାନନ୍ଦ ଲେଡ଼ିସ୍ ହଷ୍ଟେଲ୍ ରହିଛି । ସେହିପରି ୟୁଜି ଛାତ୍ରଙ୍କ ନିମନ୍ତେ ୧୭୩ ଶଯ୍ୟା ବିଶିଷ୍ଟ ରାଧାକ୍ରିଷ୍ଣ ପୁରୁଷ ହଷ୍ଟେଲ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୧୬୦ ଶଯ୍ୟା ବିଶିଷ୍ଟ ଝାନ୍‌ସୀ ରାଣୀ ଲେଡ଼ିସ୍ ହଷ୍ଟେଲ୍ ରହିଛି । ଏଭଳି ଭାବେ ବିଶ୍ୱବିଦ୍ୟାଳୟର ପିଜି ଓ ୟୁଜି ଛାତ୍ରଛାତ୍ରୀଙ୍କ ନିମନ୍ତେ ମୋଟ୍ ୪ଟି ହଷ୍ଟେଲ୍‌ରେ ମାତ୍ର ୬୪୩ଟି ଶଯ୍ୟା ରହିଥିବା ବେଳେ ତାହା ବିଦ୍ୟାର୍ଥୀଙ୍କ ନିମନ୍ତେ ପର୍ଯ୍ୟାପ୍ତ ନୁହେଁ । ଏଥିମଧ୍ୟରେ ଅସୁରକ୍ଷିତ କାରଣରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପିଜି ଛାତ୍ରଙ୍କ ୯୦ ଶଯ୍ୟା ବିଶିଷ୍ଟ ରାମଚନ୍ଦ୍ର ମର୍ଦ୍ଦରାଜ ପୁରୁଷ ହଷ୍ଟେଲ୍‌କୁ ବନ୍ଦ କରିଛନ୍ତି । ସେହିପରି ୟୁଜିର ୧୭୩ ଶଯ୍ୟା ବିଶିଷ୍ଟ ରାଧାକ୍ରିଷ୍ଣନ ପୁରୁଷ ହଷ୍ଟେଲ୍ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସ୍ଥାନ ଭାଙ୍ଗିଯାଇଥିବା ସତ୍ୱେ ଏହାକୁ ମରାମତି କରାଯାଉନାହିଁ । କିଛି ଦିନ ପୂର୍ବେ ଝାନ୍‌ସୀରାଣୀ ଲେଡ଼ିସ୍ ହଷ୍ଟେଲ୍‌ର ପାଚେରୀ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । ଏଭଳି ଭାବେ ବିଶ୍ୱବିଦ୍ୟାଳୟ ହଷ୍ଟେଲ୍‌ର ଗୁଡ଼ିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ପ୍ରକାର ଅସୁରକ୍ଷିତ ହୋଇପଡ଼ିଛି । ଫଳରେ ହଷ୍ଟେଲ୍ ଅଭାବରୁ ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବହୁ ଟଙ୍କା ଦେଇ ଘରଭଡ଼ା ନେଇ ରହୁଛନ୍ତି । ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶ୍ୱବିଦ୍ୟାଳୟ ହଷ୍ଟେଲ୍‌ର ସୁବିଧା ଯୋଗାଇବାକୁ ଗତବର୍ଷ ସେପ୍ଟେମ୍ବରରେ କର୍ତ୍ତୃପକ୍ଷ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖିଛନ୍ତି । ଉଭୟ ୟୁଜି ଓ ପିଜି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାୟ ୩୬ କୋଟି ଟଙ୍କା ବ୍ୟୟରେ ୧୦୦୦ ଶଯ୍ୟା ବିଶିଷ୍ଟ ୪ଟି ନୂତନ ହଷ୍ଟେଲ୍ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି । କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହଷ୍ଟେଲ୍ ନିର୍ମାଣ ପ୍ରସ୍ତାବ କାର୍ଯ୍ୟକାରୀ ନହୋଇ ଅଟକି ରହିଛି ।

# ଚେନ୍ନାଇ ସୁପର କିଙ୍ଗ୍‌ସର ପୂର୍ବତନ ଖେଳାଳି ହେବେ ବିସିସିଆଇର ନୂଆ ସଭାପତି !

**ମୁମ୍ବାଇ**

ଜମ୍ମୁ ଓ କଶ୍ମୀରରୁ ଭାରତୀୟ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳିଥିବା ପ୍ରଥମ ଖେଳାଳି ମିଥୁନ ମାନହସ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ନୂଆ ସଭାପତି ହେବାକୁ ଯାଉଛନ୍ତି । ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ମାନହସ ରୋଜର ବିନ୍ନୀଙ୍କ ସ୍ଥାନରେ ଏହି ପଦ ପାଇଁ ମୁଖ୍ୟ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି । ମାନହସ ପୂର୍ବରୁ ଦୁଲୀପ ଟ୍ରଫିର ନର୍ଥ ଜୋନର କନଭେନର ଏବଂ ଆଇପିଏଲ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟାନ୍ସରେ ସପୋର୍ଟ ଷ୍ଟାଫ ଭାବେ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ସେ ଜମ୍ମୁ ଓ କାଶ୍ମୀର କ୍ରିକେଟ ଆସୋସିଏସନ (ଜେକେସିଏ)ର ପ୍ରଶାସକ ଅଛନ୍ତି ।

ମାନହସ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରି ନଥିଲେ, କିନ୍ତୁ ଫାର୍ଷ୍ଟ କ୍ଲାସ କ୍ରିକେଟରେ ସେ ୧୫୭ଟି ମ୍ୟାଚ୍‌ରେ ୯,୭୧୪ ରନ ସଂଗ୍ରହ କରି । ସେ ଦିଲ୍ଲୀ ଡେୟାରଡେଭିଲ୍ସ, ପୁଣେ ୱାରିୟର୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଭଳି ତିନୋଟି ମୁମ୍ବାଇ ଫ୍ରାଞ୍ଚାଇଜ ପାଇଁ ଖେଳିଛନ୍ତି ।

ରିପୋର୍ଟ ଅନୁସାରେ, କର୍ଣ୍ଣାଟକର ପୂର୍ବତନ ଖେଳାଳି ରଘୁରାମ ଭଟ ଟ୍ରେଜରର ପଦ ପାଇଁ ଏବଂ ଛତିଶଗଡ଼ କ୍ରିକେଟ ସଂଘର ପ୍ରଭତେଜ ସିଂ ଭାଟିଆ ଯୁଗ୍ମ ସଚିବ ପଦ ପାଇଁ ପ୍ରମୁଖ ପ୍ରାର୍ଥୀ ଅଛନ୍ତି । ରବିବାର ମାନହସ ମଧ୍ୟ ବିସିସିଆଇ ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି । ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି, "ମିଥୁନ ମାନହସଙ୍କୁ ସଭାପତି କରିବାକୁ ନିଷ୍ପତ୍ତି ହୋଇଛି । ଅରୁଣ ଧୁମାଲ ଆଇପିଏଲ ଗଭର୍ନିଂ କାଉନସିଲର ଅଧ୍ୟକ୍ଷ ଭାବେ କାର୍ଯ୍ୟ ଜାରି ରଖିବେ ।" ଏହା ସହିତ, ବିସିସିଆଇରେ ଅନ୍ୟାନ୍ୟ ପରିବର୍ତ୍ତନ ମଧ୍ୟ ହେଉଛି । ପ୍ରଜ୍ଞାନ ଓଝା ଅଜିତ ଅଗ୍ରକରଙ୍କ ନେତୃତ୍ୱାଧୀନ ଜାତୀୟ ସିନିୟର ପୁରୁଷ ଚୟନ କମିଟିରେ ଶରତଙ୍କ ସ୍ଥାନ ନେବେ । ଶରତ ଜୁନିୟର ଚୟନ କମିଟିର ଅଧ୍ୟକ୍ଷ ଭାବେ ଭିଏସ ଥିଲକ ନାଇଡୁଙ୍କୁ ବଦଳାଇବେ । ପୂର୍ବତନ ଭାରତୀୟ ପେସର ଆରପି ସିଂ ସୁବ୍ରତ ବାନାର୍ଜୀଙ୍କ ସ୍ଥାନ ନେବେ । ନୂଆ ସଦସ୍ୟମାନେ ସେପ୍ଟେମ୍ବର ୨୮ରୁ ଦାୟିତ୍ୱ ଗ୍ରହଣ କରିବେ ।

# ସ୍ମୃତି ମନ୍ଧାନାଙ୍କ ଐତିହାସିକ ରେକର୍ଡ : ପଛରେ ପଡ଼ିଲେ ବିରାଟ ଓ ସେହ୍ୱାଗ

**ନୂଆଦିଲ୍ଲୀ**




ରେକର୍ଡ କରିଛନ୍ତି ଭାରତୀୟ ମହିଳା କ୍ରିକେଟ ଟିମ୍‌ର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା । କୌଣସି ପୁରୁଷ କିମ୍ବା ମହିଳା କ୍ରିକେଟର ଯେଉଁ ରେକର୍ଡ କରି ପାରି ନଥିଲେ, ସେକଥା ସ୍ମୃତି ମନ୍ଧାନା କରି ଦେଖାଇଛନ୍ତି । ତାଙ୍କ ବ୍ୟାଟରୁ ବାହାରିଛି ଐତିହାସିକ ଶତକ ।

ସେ ବନି ଯାଇଛନ୍ତି ଭାରାତର ଦ୍ରୁତତମ ଶତକଧାରୀ । ସ୍ମୃତିଙ୍କ ଆଗରେ ଫିକା ପଡ଼ିଛନ୍ତି ବିରାଟ କୋହଲି ଓ ବୀରେନ୍ଦ୍ର ସେହ୍ୱାଗଙ୍କ ଭଳି ଖେଳାଳି । ମାତ୍ର ୫୦ଟି ବଲରେ ଶତକ ହାସଲ କରିଛନ୍ତି ସ୍ମୃତି ମନ୍ଧାନା । ତାଙ୍କ ପୂର୍ବରୁ ଦିନିକିଆ କ୍ରିକେଟରେ କୌଣସି ଭାରତୀୟ (ଉଭୟ ପୁରୁଷ ଓ ମହିଳା) ଏପରି ଦ୍ରୁତତମ ଶତକ ହାସଲ କରି ନଥିଲେ ।

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆରେ ଗର୍ଜିଛି ସ୍ମୃତିଙ୍କ ବ୍ୟାଟ୍ । ସେ ମାତ୍ର ୫୦ଟି ବଲ୍‌ରେ ଶତକ ହାସଲ କରିଛନ୍ତି । ଶତକ ପରେ ସେ ଆହୁରି ବଡ଼ ଶଟ୍ ଖେଳି ଶେଷରେ ୬୩ ବଲରେ ୧୨୫ ରନ କରି ଆଉଟ ହୋଇଛି । ଏହି ଇନିଂସରେ ତାଙ୍କ ବ୍ୟାଟରୁ ୧୭ଟି ଚୌକା ଓ ୫ଟି ଛକା ଦେଖିବାକୁ ମିଳିଛି । ଅଷ୍ଟ୍ରେଲିଆର ଗ୍ରେସ ହାରିଶ ତାଙ୍କ ୱିକେଟ ଦଖଲ କରିଛନ୍ତି । ଅଷ୍ଟ୍ରେଲିଆ ଦେଇଥିବା ୪୧୩ ରନର ବିଶାଳ ଟାର୍ଗେଟକୁ ପିଛା କରିବା ବେଳେ ସ୍ମୃତି ୧୨୫ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି ।

ଏହାପୂର୍ବରୁ ଭାରତ ପାଇଁ ଦିନିକିଆରେ ଦ୍ରୁତତମ ଶତକ ହାସଲ କରିବା ତାଲିକାରେ ବିରାଟ କୋହଲି ରହିଥିଲେ । ସେ ୨୦୧୩ରେ ଅଷ୍ଟ୍ରେଲିଆ ବିପକ୍ଷ ଜୟପୁର ଦିନିକିଆରେ ୫୨ଟି ବଲରୁ ବିରାଟଙ୍କ ବ୍ୟାଟରୁ ବାହାରିଥିଲା ଶତକ । ତାଙ୍କ ପଛରକୁ ୨୦୦୯ରେ ବୀରେନ୍ଦ୍ର ସେହ୍ୱାଗ ନ୍ୟୁଜିଲାଣ୍ଡ ବିପକ୍ଷ ହାମିଲଟନରେ ୬୦ ବଲରେ ଶତକ ମାରିଥିଲେ । ହେଲେ ଏହି ଦୁଇ ଜଣଙ୍କୁ ମନ୍ଧାନା ପଛରେ ପକାଇ ଦେଇଛନ୍ତି ।

ତେବେ ମହିଳା ଦିନିକିଆ କ୍ରିକେଟରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ ଅଷ୍ଟ୍ରେଲିଆର ମେଗ ଲାନିଂଙ୍କ ନାଁରେ ରହିଛି । ସେ ନ୍ୟୁଜିଲାଣ୍ଡ ବିପକ୍ଷ ୨୦୧୨ ଦିନିକିଆରେ ୪୫ ବଲରେ ଶତକ ହାସଲ କରିଥିଲେ ।

ଅନ୍ୟପକ୍ଷରେ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ୨ଟି ଶତକ ହାସଲ କରି ସ୍ମୃତି ନୂଆ ରେକର୍ଡ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ସେ ୧୧୭ ରନର ଇନିଂସ ଖେଳିଥିଲେ । ଗୋଟିଏ ନିର୍ଦ୍ଦିଷ୍ଟ ଦଳ ବିପକ୍ଷରେ ସର୍ବାଧିକ ଶତକ ହାସଲ କରିବା ତାଲିକାରେ ମଧ୍ୟ ସ୍ମୃତି ପହଞ୍ଚି ଯାଇଛନ୍ତି ।

ମେଗ ଲାନିଂ ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ୬ଟି ଶତକ ମାରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ମନ୍ଧାନା ୪ଟି ଶତକ ମାରି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୪ଟି ଶତକ ମାରି ସ୍ମୃତି ଆଉ ଏକ ସଫଳତା ହାସଲ କରିଛନ୍ତି । ୨୦୨୫ରେ ସ୍ମୃତିଙ୍କ ବ୍ୟତୀତ ଦକ୍ଷିଣ ଆଫ୍ରିକାର ତାଜମିନ ବ୍ରିଟ୍ସ ମଧ୍ୟ ୪ଟି ଶତକ ହାସଲ କରିଛନ୍ତି ।

ମହିଳା ଦିନିକିଆ କ୍ରିକେଟରେ ମେଗ ଲାନିଂ ସର୍ବାଧିକ ୧୫ଟି ଶତକ ହାସଲ କରିଥିବା ବେଳେ ୧୩ଟି ଶତକ ସହ ମନ୍ଧାନା ଦ୍ୱିତୀୟ ପହଞ୍ଚି ଯାଇଛନ୍ତି । ଦକ୍ଷିଣ ଆଫ୍ରିକାର ସୁଜି ବେଟ୍ସ ମଧ୍ୟ ଦିନିକିଆରେ ୧୩ଟି ଶତକ ହାସଲ କିରିଛନ୍ତି ।

# ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ଖେଳିବେନି ପନ୍ତ




**ମୁମ୍ବାଇ**

ଗତ ଇଂଲଣ୍ଡ ଗସ୍ତ ସମୟରେ ଆହତ ହୋଇଥିବା ରିଷଭ ପନ୍ତ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ଖେଳିପାରିବେ ନାହିଁ । ଆସନ୍ତା ମାସ ପ୍ରାରମ୍ଭରୁ ଭାରତ ଆସି ୱେଷ୍ଟଇଣ୍ଡିଜ ୨ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ସମୟ ବେଳକୁ ପନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇ ପାରିବେ ନାହିଁ । ଖାଲି ସେତିକି ନୁହେଁ, ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍ ପରେ ଭାରତୀୟ ଦଳ ସୀମିତ ଓଭର ସିରିଜ୍ ଖେଳିବା ପାଇଁ ଅଷ୍ଟ୍ରେଲିଆ ଯାତ୍ରା କରିବ । ପନ୍ତ ସେହି ସମୟ ବେଳକୁ ମଧ୍ୟ ଫିଟ୍ ହୋଇ ନଥିବେ ବୋଲି ଜଣା ପଡ଼ିଛି ।

ତାଙ୍କୁ ମ୍ୟାଚ୍ ଫିଟ୍‌ନେସ୍ ଫେରି ପାଇବା ପାଇଁ ଅତି କମ୍‌ରେ ୪ସପ୍ତାହ ସମୟ ଲାଗିବ । ତେଣୁ ନଭେମ୍ବରରେ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୨ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ବେଳକୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ସାରିଥିବେ । ପନ୍ତଙ୍କ ଅନୁପସ୍ଥିତିରେ ଧ୍ରୁବ ଜୁରେଲ ୱିକେଟ୍ କିପର ଦାୟିତ୍ୱ ତୁଲାଇବେ । ଦ୍ୱିତୀୟ ୱିକେଟ୍ କିପର ଭାବେ ନାରାୟଣ ଜଗଦୀଶନଙ୍କୁ ଚୟନ କର୍ତ୍ତାମାନେ ତାଲିକାରେ ରଖିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ଜଗଦୀଶନ ଗତ ଦୁଲୀପ୍ ଟ୍ରଫିରେ ଶତକ ଅର୍ଜନ କରିଥିଲେ । ଜୁରେଲ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ଶତକୀୟ ପାଳି ଖେଳିଥିଲେ ।

# ରାଜ୍ୟ କନିଷ୍ଠ ବାଳକ ହକି : ସେଲ୍ ହକି ଏକାଡେମୀ ଚାମ୍ପିଅନ

**ରାଉରକେଲା**




ଚତୁର୍ଥ ରାଜ୍ୟ କନିଷ୍ଠ ବାଳକ ହକି ପ୍ରତିଯୋଗିତାକୁ ସେଲ୍ ହକି ଏକାଡେମୀ ଜିତିନେଇଛି । ରବିବାର ଅପରାହ୍ଣରେ ଖେଳାଯାଇଥିବା ସେଲ୍ ହକି ଏକାଡେମୀ ଓ ସୁନ୍ଦରଗଡ଼ ହକି ସଂଘ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା । ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉଭୟ ଦଳର ଆକ୍ରମଣ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା । ତେବେ ସେଲ ହକି ଏକାଡେମୀ ୨–୧ରେ ଗୋଲ୍‌ରେ ମ୍ୟାଚ୍‌କୁ ଜିତି ନେଇଛି । ସେଲ୍ ହକି ଏକାଡେମୀର କ୍ରିଷ୍ଣା ମୋହନ ୨ଟି ଗୋଲ୍ ଦେଇ ଥିବାବେଳେ ସୁନ୍ଦରଗଡ଼ର ସୁଜିତ ବାର୍ଲା ଗୋଟିଏ ଗୋଲ୍ ଦେଇଥିଲେ ।

ସେଲ୍ ହକି ଏକାଡେମୀର ପ୍ରୀତମ ଏକ୍କା ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଥିବା ବେଳେ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ସୁଜିତ ବାର୍ଲା (ସୁନ୍ଦରଗଡ଼), ଶ୍ରେଷ୍ଠ ଗୋଲ୍‌କିପର ବିନିତ କିଣ୍ଡୋ (ସୁନ୍ଦରଗଡ଼), ଶ୍ରେଷ୍ଠ ଡିଫେଣ୍ଡର ଲେଲସନ ମିଞ୍ଜ (ସେଲ୍ ହକି ଏକାଡେମୀ), ଶ୍ରେଷ୍ଠ ମିଡ୍‌ଫିଲ୍‌ର ଆନନ୍ଦ ହସ୍ତୀ (ଗାଙ୍ଗପୁର ହକି ଆସୋସିଏସନ), ଶ୍ରେଷ୍ଠ ଫରୱାର୍ଡ ଯୋଜିନ ମିଞ୍ଜ (ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି) ଓ ଶ୍ରେଷ୍ଠ କୋଚ୍ ରାଜୁକାନ୍ତ ସାଇନୀ (ସେଲ୍ ହକି ଏକାଡେମୀ) ପୁରସ୍କୃତ ହୋଇଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ହକି ଓଡ଼ିଶା ସାଧାରଣ ସମ୍ପାଦକ ସନାତନ ସାହୁ, ଯୁଗ୍ମ ସମ୍ପାଦକ ରଞ୍ଜନ ଦାସ, ବରିଷ୍ଠ କୋଚ୍ କାଳୁ ଚରଣ ଚୌଧୁରୀ, ଲୁସିଲା ଏକ୍କା ପ୍ରମୁଖ ଯୋଗଦେଇଥିଲେ ।

# ପୁଣି ହାତ ମିଳାଇଲେନି ସୂର୍ଯ୍ୟକୁମାର

**ଦୁବାଇ**



ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ରବିବାର ଖେଳା ଯାଇଥିଲା ଏସିଆ କପର ଚର୍ଚ୍ଚିତ ଭାରତ-ପାକିସ୍ତାନ ମ୍ୟାଚ୍ । ଏହି ମ୍ୟାଚ୍‌ରେ ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ଟସ୍ ସମୟରେ ସମସ୍ତଙ୍କ ନଜର ଥିଲା ଦୁଇ ଦଳର ଅଧିନାୟକଙ୍କ ଉପରେ । କ'ଣ ସୂର୍ଯ୍ୟକୁମାର ପୁଣି ଥରେ ପାକିସ୍ତାନ ଅଧିନାୟକଙ୍କୁ ଇଗ୍ନୋର କରିବେ ? ଯେପରି ଆଶଙ୍କା କରୁଥିଲେ ଦର୍ଶକ, ଠିକ୍ ସେହିପରି ହୋଇଥିଲା । ସୂର୍ଯ୍ୟକୁମାର ଟସ୍ ଜିତିବା ପରେ ପାକିସ୍ତାନୀ ଅଧିନାୟକ ସଲମାନ ଆଗାଙ୍କ ସହ ହାତମିଳାଇବା ତ ଦୂରର କଥା, ଚାହିଁ ମଧ୍ୟ ନଥିଲେ ।

ଗତ ୧୪ ତାରିଖରେ ହୋଇଥିବା ପ୍ରଥମ ଭାରତ-ପାକିସ୍ତାନ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ହାତ ମିଳାଇନଥିଲେ । ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଥିଲା । ପାକିସ୍ତାନ ଏଥିପାଇଁ ଅପମାନିତ ଅନୁଭବ କରିଥିଲା ଓ ଆଇସିସିରେ ଅଭିଯୋଗ କରିଥିଲା । ଏହା ସହିତ ମ୍ୟାଚ ରେଫରିଙ୍କୁ ହଟାଇବାକୁ ମଧ୍ୟ ଆବେଦନ କରିଥିଲା । କିନ୍ତୁ ଆଇସିସି ଏହା ଶୁଣିନଥିଲା ।

# ୬ ବର୍ଷ ପରେ ଖାଲି ହାତରେ ଫେରିଲା ଭାରତ



**ନୂଆଦିଲ୍ଲୀ**

୬ ବର୍ଷରେ ପ୍ରଥମଥର ଭାରତ ବିଶ୍ୱ ଦୌଡ଼କୁଦ ଚାମ୍ପିଅନ୍‌ସିପରୁ ଖାଲି ହାତରେ ଫେରିଛି । ଟୋକିଓରେ ଆୟୋଜିତ ଏହି ଚମ୍ପିଆନ୍‌ସିପ୍‌ରେ ସର୍ବେଶ କୁଶାରେ ହାଇଜମ୍ପ୍ ଫାଇନାଲରେ ପହଞ୍ଚିବା ଏବଂ ସଚିନ ଯାଦବ ଜାଭେଲିନ୍ ଫାଇନାଲରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହେବା ଭାରତୀୟ ପ୍ରଦର୍ଶନର ମୁଖ୍ୟାଂଶ ଥିଲା । କୁଶାରେ ଫାଇନାଲରେ ଫାଇନାଲରେ ୨.୨୮ ମିଟର ଉଚ୍ଚକୁ ଡେଇଁ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ସଚିନ ଯାଦବ ଫାଇନାଲରେ ୮୬.୨୭ ମିଟର ଦୂରତା ହାସଲକରି ୪ର୍ଥ ହୋଇ ଥିଲେ । ୫୦୦୦ ମିଟର ଦୌଡ଼ ହିଟ୍‌ରେ ଗୁଲ୍‌ବୀର ସିଂହ ୯ମ ସ୍ଥାନରେ ରହିଥିଲେ । ଜାଭେଲିନ୍ ତାରକା ନୀରଜ ଚୋପ୍ରା ୨୬ଟି ବିଶ୍ୱସ୍ତରୀୟ ପ୍ରତିଯୋଗିତା ପରେ କୌଣସି ପଦକ ଜିତି ପାରିନାହାନ୍ତି । ନୀରଜ ୧୨ ଫାଇନାଲିଷ୍ଟଙ୍କ ମଧ୍ୟରେ ୮ମ ସ୍ଥାନରେ ରହିଥିଲେ । ପୁରୁଷ ୨୦୦ ମିଟର ଦୌଡ଼ରେ ଜାତୀୟ ଚାମ୍ପିଅନ୍ ଅନିମେଷ କୁଜୁର ତାଙ୍କ ଶ୍ରେଷ୍ଠ ଫର୍ମ ଦେଖାଇ ପାରିନଥିଲେ । ସେ ୨୦.୭୭ ସେକେଣ୍ଡ ସମୟ ନେଇ ହିଟ୍‌ସରୁ ବିଦାୟ ନେଇଥିଲେ । ଅନିମେଷଙ୍କ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୨୦.୨୭ ସେକେଣ୍ଡ । ୨୦୧୯ ଦୋହା ବିଶ୍ୱ ଚାମ୍ପିଅନ୍-ସିପରେ ଭାରତର କୌଣସି ଆଥ୍‌ଲେଟ୍ ପଦକ ଜିତି ପାରି ନ ଥିଲେ । ଏହାର ୬ ବର୍ଷ ପରେ ଭାରତକୁ ସମାନ ଦଶା ଭୋଗିବାକୁ ପଡ଼ିଛି । ୨୦୨୨ ବିଶ୍ୱ ଚାମ୍ପିଅନ୍-ସିପରେ ଭାରତ ଗୋଟିଏ ରୌପ୍ୟ ପଦକ ଜିତିଥିଲା । ନୀରଜ ଚୋପ୍ରା ଜାଭେଲିନ୍‌ରେ ଏହି ରୌପ୍ୟ ଜିତିଥିଲେ । ୨୦୨୩ ବିଶ୍ୱ ଚାମ୍ପିଅନ୍‌ସିପରେ ନୀରଜ ସ୍ୱର୍ଣ୍ଣପଦକ ଜିତିଥିଲେ । ୨୦୨୨ ଓ ୨୦୨୩ ବିଶ୍ୱ ଚାମ୍ପିଅନ୍‌ସିପରେ ୬ ଭାରତୀୟ ଫାଇନାଲରେ ପ୍ରବେଶ କରିଥିଲେ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏଫଇଟିରେ ଇଣ୍ଟରନାଲ୍ ହ୍ୟାକାଥନ୍

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ବାରଙ୍ଗ ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲଜି ବିଭାଗରେ ସ୍ମାର୍ଟ ଇଣ୍ଡିଆ-୨୦୨୫ ପାଇଁ ସଫଳତା ପୂର୍ବକ ଇଣ୍ଟରନାଲ୍ ହ୍ୟାକାଥନ୍ ପ୍ରତିଯୋଗିତା ଆୟୋଜିତ ହୋଇ ଯାଇଛି । ଏହି ପ୍ରତିଯୋଗିତାରେ ୨୭ଟି ଦଳ ଭାଗନେଇ ଭିନ୍ନଭିନ୍ନ ବିଷୟ ଉପରେ ନୂଆନୂଆ ସମ୍ଭାବନାମୂଳକ ଗବେଷଣା, ଏହାକୁ ନେଇ ଆଲୋଚନା ଏବଂ ଏହାର ସମାଧାନ ପ୍ରସ୍ତୁତ କରି ଥିଲେ । ବହୁ ପ୍ରତିଷ୍ଠିତ ଉଦ୍ୟୋଗ ଏବଂ ଶିକ୍ଷାଗତ ସଂସ୍ଥାର ବିଷୟ ବିଶେଷଜ୍ଞ ଜୁରୀ ସଦସ୍ୟମାନେ ପ୍ରତିଯୋଗୀ ମାନଙ୍କର ପ୍ରସ୍ତୁତିର ମୂଲ୍ୟାଙ୍କନ କରିଥିଲେ । ଏହି ଜୁରୀମାନେ ଇନଫୋସିସ୍, ମାଇଣ୍ଡଟ୍ରି ଓ ଅନ୍ୟ ଖ୍ୟାତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଆସି ଯୋଗ ଦେଇଥିଲେ । ଏହି ଅବସରରେ ବିଭାଗୀୟ ଡିନ୍ ପ୍ରୋ. ରବିନାରାୟଣ ଶତପଥୀ, ଏସପିଓସି ଆସୋସିଏଟ୍ ପ୍ରୋ. ଡ. ସତ୍ୟଜିତ ପଟ୍ଟନାୟକ ଏବଂ ଆସିଷ୍ଟାଣ୍ଟ ପ୍ରୋ. ପ୍ରୀତମ ନନ୍ଦ ବିଷୟକୁ ନେଇ ତାଙ୍କର ବହୁମୂଲ୍ୟ ମତ ରଖିଥିଲେ । ବିଭାଗର ଅନ୍ତରୀଣ ନିର୍ଣ୍ଣାୟକ ମଣ୍ଡଳୀରେ ପ୍ରୋ. ଜି.ପଲେଇ, ଡ ଶୁଭେନ୍ଦୁ ନାୟକ, ଡ ପ୍ରଦୀପ୍ତ କୁମାର ମିଶ୍ର, ଡ଼ ସୌମ୍ୟା ସମର୍ପିତା ଏବଂ ଡ ରତ୍ନୁନ୍ନା ମିଶ୍ର ପ୍ରମୁଖ ବିଶେଷଜ୍ଞ ସାମିଲ ଥିଲେ ।

# ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ୩୦ କ୍ରୀଡ଼ାବିତ୍ ସାମିଲ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ମୋରଡ଼ା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଡ଼େଇଗାଁ ଖେଳ ପଡ଼ିଆଠାରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୭ବାଳିକା ବର୍ଷରୁ କମ୍ ବାଳକ ବିଭାଗ ଓ ୧୪ ବର୍ଷରୁ କମ୍ ବାଳିକା ବିଭାଗର ହକି କ୍ରୀଡ଼ା ପ୍ରତିଯୋଗିତା, ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଇସେନ ମୁର୍ମୁଙ୍କ ପୌରୋହିତରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ଚଡେଇ ଗାଁର ସିଆରସିସି ଶୁଭେନ୍ଦୁ ଶେଖର ସେଠୀ, ରାଇରଙ୍ଗପୁର ନୋଡାଲ ପିଇଟି ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଚାରକ ଭାବେ ସୁନୀଲ କୁମାର ମହାନ୍ତ, ବାଳକ ହକି କୋଚ୍ ଡେଭିଡ୍ ସୋଉଙ୍ଗ, ବାଳିକା ହକି କୋଚ୍ ଲକ୍ଷ୍ମୀପ୍ରିୟା ପୃଷ୍ଟି ଏବଂ ସେଣ୍ଟ୍ରାଲ ଅଫିସିୟାଲ ଭାବେ ହରିଶ୍ଚନ୍ଦ୍ର ରାଉତ ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ । ଚଳିତ ସେପ୍ଟେମ୍ବର ମାସ ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତରେ ସୁନ୍ଦରଗଡ଼ ଜିଲ୍ଲାର ମ୍ୟୁନିସିପାଲ ହାଇସ୍କୁଲରେ ଚାଲୁଥିବା ଓଡ଼ିଶା ରାଜ୍ୟସ୍ତରୀୟ ହକି କ୍ରୀଡ଼ା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୩୦ ଜଣ କ୍ରୀଡ଼ାବିତ୍ ଯୋଗ ଦେଇଛନ୍ତି । ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବିଶୋଇର ପିଇଟି ହରେକୃଷ୍ଣ ସେଠୀ ଓ ହକି କୋଚ୍ ଡେଭିଡ ସୋଉଙ୍ଗଙ୍କ ନେତୃତ୍ୱରେ ୧୭ ବର୍ଷରୁ କମ୍ ବାଳକ ବିଭାଗ ରେ ୧୫ ଜଣ ଯୋଗ ଦେଇଛନ୍ତି । ସେମାନେ ହେଲେ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଡେଇଗାଁର ରାଜାରାମ ସୋରେନ, ଅଙ୍କିତ କୁମାର ମୁଣ୍ଡା, ଭୀମ ହାଁସଦା, ସନା ମୁର୍ମୁ, ଧର୍ମେନ୍ଦ୍ର ବାଗେ, ଜଗନ୍ନାଥ ଦାସ, ବାପୁନ ଧଳ, ଆଦିତ୍ୟ ରାଜ, ରଞ୍ଜନ ନାଏକ, ଆଦିତ୍ୟ ନାଏକ, କର୍ମ ରଞ୍ଜନ ଧଳ, ଆକାଶ ସୋରେନ, ଆକାଶ ମାରାଣ୍ଡି, ରାମଚନ୍ଦ୍ର ସି, ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ାର ମନୋଜ ପଣ୍ଡିତ । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଗାଁର ପିଇଟି ସୁନୀତା ଚମ୍ପୁଆ ଓ ବାଳିକା ହକି କୋଚ୍ ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ ନେତୃତ୍ୱରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ୧୫ ଜଣ କ୍ରୀଡ଼ାବିତ୍ ଯୋଗ ଦେଇଛନ୍ତି । ସେମାନେ ହେଲେ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଡେଇଗାଁର ଶୁଭସ୍ମିତା ମୁଦୁଲି, କରିସ୍ମା ଟୁଡୁ, ମୈଇନା ମାରାଣ୍ଡି, ସୀତା ମାରାଣ୍ଡି, ରାଇମଣି ସୋରେନ, ପୂଜା ମୁର୍ମୁ, ଲିସା ଦଣ୍ଡସେନା, ଅନୀତା ହାଁସଦା, ସସ୍ମିତା ସୋରେନ, ସିପା ସୋରେନ, ବାରି ସୋରେନ, ଶ୍ରୁତି ଟୁଡୁ, କଏନ ସିଂ, ଓଏଭି ଜାମଦାପାଳର କୌଶିକା ମୁର୍ମୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଦୁଆଣୀର ଦୀପ୍ତି ଦଳ ନାଏକ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କର ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି ।

# ଶୋଇଥିଲେ ସ୍ତ୍ରୀ-ସ୍ୱାମୀ, ଘରେ ପଶି ସ୍ୱାମୀଙ୍କୁ ହାଣି ମାରିଦେଲେ ଦୁର୍ବୃତ୍ତ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଶୋଇଥିବା ସମୟରେ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘରେ ପଶି ସ୍ତ୍ରୀଙ୍କ ସାମ୍ନାରେ ସ୍ୱାମୀଙ୍କୁ ହାଣି ହତ୍ୟା କରିଛନ୍ତି । ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ସୁନ୍ଦୁରିଆ ଗାଁରେ । ମୃତକ ଜଣକ ହେଲେ ଜଗବନ୍ଧୁ ଦେଓଗାମ । ଖବରପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

Email – eerbkbj@rediffmail.com

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ କୋଠାବାଡ଼ି) ବିଭାଜନ, କଣ୍ଟାବାଞ୍ଜି

B-550

OFFICE OF THE SUPERINTENDING ENGINEER, (R&B) DIVISION, KANTABANJI

Bid Identification No.11 / KBJ / 2025-26

The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites **Percentage rate Bid** in **Single Cover** system in ONLINE MODE for the E.I. work detailed in the table below from the contractor registered the State Government ELBO for execution of **Electrical work**. The proof of registration from the appropriate authority shall be enclosed along with the Bid.

1) No. of work :- 01 No. (Single Cover)
2) Nature of work :- E.I. work
3) Class of contractor :- HT
4) Approximate value of work :- Rs.16.03 Lakh
5) Tender cost :- Rs.6,000/-
6) Date and time of vailability of Bid documents in online :- From 11.00 A.M. of Dt.24.09.2025 Up to 05.00 P.M. of Dt.03.10.2025
7) Date of Opening of Bid in online :- Dt.04.10.2025 at 11.30 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: "www.tendersodisha.gov.in". All future corrigendum will be available on ONLINE MODE only.

Sd/- Superintending Engineer, Kantabanji (R&B) Division

OIPR-34099/11/0026/2526

OFFICE OF THE SUPERINTENDING ENGINEER:RWSS DIVISION:BERHAMPUR
Near JaradaBunglow, Pin – 760004, Ph. 0680-2296344
eerwss_bam@nic.in rwssbam@gmail.com
Government of Odisha "e" Procurement Notice
NATIONAL COMPETITIVE BIDDING
Bid Identification No. EERWSSBAM- 18 /2025-26

O-828

The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 03 Nos. |
| 3 | Estimated cost (Approximate) | From Rs 33.97 Lakhs to Rs 67.98 Lakhs |
| 4 | Period of completion | From 180 to 270 days |
| 5 | Date & Time of availability of bid document in the Portal. | From 26 -09-2025 at11.00 hrs to 13-10-2025 up to 17.00 hrs |
| 6 | Last date & time for seeking clarification | 10-10-2025 up to 17.00 hrs |
| 7 | Dt. of opening of Bid | 14-10-2025 at 11.00 hrs |
| 8 | Last date / Time for receipt of bids in the Portal | 13-10-2025 up to 17.00 hrs |
| 9 | Name & address of the Officer inviting tender. | Superintending Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in

Sd/- Superintending Engineer
RWS&S Division, Berhampur

OIPR-25035/11/0029/2526

# ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସେବାପର୍ବ ପାଳନ ଉପଲକ୍ଷେ ସୁବର୍ଣ୍ଣପୁର ସେବା ପର୍ବ-୨୦୨୫ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ଭବନ, ସୁବର୍ଣ୍ଣପୁରରେ ବିକଶିତ ଭାରତ – ୨୦୪୭ ବିଷୟକୁ ଆଧାର କରି ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ତଥା ଏକଦିବସୀୟ କର୍ମଶାଳା ଜିଲ୍ଲା ସଂସ୍କୃତି ପରିଷଦ, ସୁବର୍ଣ୍ଣପୁର ଦ୍ୱାରା ଆୟୋଜନ କରାଯାଇଛି । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଉପସ୍ଥିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଯମୁନା ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ସହ ପ୍ରତିଯୋଗିତା ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସିଆରସିସି ବ୍ରତାନନ୍ଦ ଭୋଇ ସଭା ସଂଯୋଜନା କରିଥିଲେ । ବିଚାରକ ଭାବରେ ଡ. ମୀନକେତନ କୁମ୍ଭାର, ଶ୍ୟାମସୁନ୍ଦର ମେହେର, ସୁରେନ୍ଦ୍ର କୁମାର ମେହେର ଯୋଗଦେଇଥିଲେ । ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ୩ଟି ବର୍ଗରେ ଆୟୋଜିତ ହୋଇଥିଲା- ୧. ପେଶାଦାର/ବୃତ୍ତିଗତ କଳାକାର ୨. ମହାବିଦ୍ୟାଳୟର ଛାତ୍ର/ଛାତ୍ରୀ ୩. ବିଦ୍ୟାଳୟର ଛାତ୍ର/ଛାତ୍ରୀ ।

ବିଦ୍ୟାଳୟ ବର୍ଗରେ ବେଣୁପାଣି ମାଝୀ ପ୍ରଥମ, ହରିଶ୍ଚନ୍ଦ୍ର ପାତ୍ର ଦ୍ୱିତୀୟ, ଅରିନ୍ଦମ ସାହୁ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହାବିଦ୍ୟାଳୟ ବର୍ଗରେ ରାଜକୁମାର ଭରାସାଗର ପ୍ରଥମ, ମନୋରଞ୍ଜନ ସାହୁ ଦ୍ୱିତୀୟ, ଅଂଶୁମାନ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ପେଶାଦାର/ବୃତ୍ତିଗତ ବର୍ଗରେ ବାବୁଲାଲ ମେହେର ପ୍ରଥମ, ପ୍ରଭାସ ମେହେର ଦ୍ୱିତୀୟ, ବିନୋଦ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲ୍ଲାସ୍ତରରେ ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଚିତ୍ରକାରଙ୍କ ଚିତ୍ରାଙ୍କନକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱରକୁ ପଠାଯିବ ।

# ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ବାଳିକା ବିଭାଗର ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଯୋଗ ଛାତ୍ରଛାତ୍ରୀ ମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରତିଯୋଗିତାର ନିୟମାବଳୀ ଉପରେ ଆଲୋକପାତ କହିଥିଲେ । ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ, ବାରିପଦା ବ୍ଲକ ନୋଡାଲ ପିଇଟି କଳ୍ପନା ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୮୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ଜ୍ୟୋତିରଞ୍ଜନ ଦାସ, ସରୋଜ ରାମ, ମନୋଜ ରାମ, ମୋନା ଦାସ, ହିମାନୀ ପାତ୍ର, ଅଙ୍କିଶା ବରାଳ, ସ୍ୱରୂପା ସାହୁ, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ନଭେମ୍ବର ମାସ ପ୍ରଥମ ସପ୍ତାହରେ ମାଲକାନଗିରି ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଦୀପକ ରାମ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡ଼ା ଶିକ୍ଷକ ଅଭିଷେକ ବେହେରା, ଛାତ୍ରାବାସର ୱାର୍ଡେନ ସରୋଜ କୁମାର ସାବତ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଛତିଶଗଡ଼ରେ ଅବକାରୀ ଓ କୋଇଲା ଦୁର୍ନୀତି ମାମଲାରେ ଏସିବି ଏବଂ ଇଓଡବ୍ଲୁର ଚଢ଼ଉ

**ରାୟପୁର, ନ୍ୟୁଜ୍‌ବ୍ୟୁରୋ**

ବହୁ ଚର୍ଚ୍ଚିତ ଛତିଶଗଡ଼ର କୋଇଲା ଏବଂ ମଦ ଦୁର୍ନୀତି ସମ୍ପର୍କରେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଏବଂ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ର ଏକ ମିଳିତ ଦଳ ରବିବାର ରାୟପୁର ଏବଂ ଅକଲତରାରେ ଚଢ଼ଉ କରିଛନ୍ତି । ଏହି ସମୟରେ, ମଦ ଦୁର୍ନୀତି ମାମଲାରେ ଇଓଡବ୍ଲୁ ଟିମ୍ ରାୟପୁର, ବିଳାସପୁର ଏବଂ ଦୁର୍ଗରେ ଚଢ଼ଉ କରିଛନ୍ତି । ସୂଚନା ଅନୁସାରେ, ଇଓଡବ୍ଲୁ ଦଳ ରାୟପୁରର ଶିବ ବିହାର କଲୋନୀ ସ୍ଥିତ ଅବଧେଶ ଯାଦବଙ୍କ ଘରେ ପହଞ୍ଚିଛି । ଅବଧେଶ ମଦ ବ୍ୟବସାୟ ସହିତ ଜଡ଼ିତ ଅଛନ୍ତି । ଏହି ଟିମ୍ ବ୍ୟବସାୟୀଙ୍କ ଦୁଇଟି ସ୍ଥାନରେ ତଦନ୍ତ କରୁଛି । ଏସିବି ଏବଂ ଇଓଡବ୍ଲୁ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି ।

ଭୁବନେଶ୍ୱର
୨୨ ସେପ୍ଟେମ୍ବର,
ସୋମବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ମହାଳୟାରେ ମା' ସମଲେଶ୍ୱରୀ ଦୁର୍ଲ୍ଲଭ ଗଙ୍ଗାବେଶରେ ଦର୍ଶନ ଦେଲେ



**ସମ୍ବଲପୁର,୨୧/୦୯ ନ୍ୟୁଜ ବ୍ୟୁରୋ**

ପବିତ୍ର ମହାଳୟା ଅବସରରେ ମା' ସମଲେଶ୍ୱରୀ ଦୁର୍ଲ୍ଲଭ ଧବଳମୁଖୀ ବେଶ ବା ଗଙ୍ଗାବେଶ ଧାରଣ କରିଛନ୍ତି । ଦେବୀଙ୍କ ଦିବ୍ୟରୂପ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଏଥିପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭକ୍ତମାନେ ଧାଡ଼ିରେ ଆସି ଦର୍ଶନ କରୁଛନ୍ତି। ବର୍ଷତମାମ ମା' ସିନ୍ଦୁର ଚର୍ଚ୍ଚିତା ହୋଇ ଦର୍ଶନ ଦେଉଥିବାବେଳେ ମହାଳୟାରେ ଚନ୍ଦନ ଚର୍ଚ୍ଚିତା ହୋଇ ଶୁଭ୍ର ବେଶରେ ଦର୍ଶନ ଦେଉଛନ୍ତି। ମହାଳୟାରେ ପିତୃ ତର୍ପଣ ପରେ ଏହି ବେଶରେ ଦର୍ଶନ କଲେ ଗଙ୍ଗା ଦର୍ଶନର ପୂଣ୍ୟ ମିଳୁଥିବା ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ବିଳମ୍ବିତ ରାତିରୁ ପୂଜକମାନେ ମା'ଙ୍କ ବିଗ୍ରହରୁ ସିନ୍ଦୂର ଛଡ଼ାଇବା ପରେ ସ୍ନାନ କରାଇଥିଲେ । ପରେ ଚନ୍ଦନରେ ଆଚ୍ଛାଦିତ କରି ଧବଳମୁଖୀ ବେଶରେ ମା'ଙ୍କୁ ସଜ୍ଜିତ କରାଯାଇଛି । ଶ୍ୱେତବସ୍ତ୍ର, ଶ୍ୱେତପୁଷ୍ପରେ ବିମଣ୍ଡିତା ମା' ଶାନ୍ତ, ସୌମ୍ୟ, କମନୀୟ ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଅପରପକ୍ଷେ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମୟ ନିର୍ଘଣ୍ଟ ଜାରି ହୋଇଥିଲା। ରବିବାର, ସୋମବାର ଏବଂ ମଙ୍ଗଳବାର ଭୋର ସାଢ଼େ ୪ଟାରୁ ମଙ୍ଗଳ ଆଳତି। ସକାଳ ୫ଟାରେ ପ୍ରାତଃ ଦର୍ଶନ। ଅନ୍ନଭୋଗ ନିମନ୍ତେ ପୂର୍ବାହ୍ନ ୧୧ଟା ୪୫ରୁ ୧୨ଟା ୩୦ ଯାଏଁ ସାଧାରଣ ଦର୍ଶନ ବନ୍ଦ ରହିବ। ସେହିଭଳି ସନ୍ଧ୍ୟା ମହାଆଳତି ପାଇଁ ସନ୍ଧ୍ୟା ୭ଟା୪୫ରୁ ରାତି ସାଢ଼େ ୮ଟା ଯାଏଁ ଦର୍ଶନ ବନ୍ଦ ରହିବ । ରାତି ସାଢ଼େ ୧୦ଟାରେ ପହୁଡ଼ ପଡ଼ିବ। ପୂର୍ବଥର ଭଳି ଏଥର ମଧ୍ୟ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିଛି । ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧାର୍ଯ୍ୟ ପାଉଣା ଦେଇ ହାତୀ ଦ୍ୱାର ପାଖରେ ସ୍ୱତନ୍ତ୍ର ଦର୍ଶନ ଚାଲିଛି । ସେହିପରି ୪ ନମ୍ବର ଗେଟ୍‌ରୁ ସାଧାରଣ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମା' ଅଢ଼େଇ ଦିନ ଧରି ଧବଳମୁଖୀ ବେଶରେ ଦର୍ଶନ ଦେବେ । ଶ୍ରଦ୍ଧାଳୁ ନଡ଼ିଆ ଭୋଗ ନେଇ ମନ୍ଦିରକୁ ଯାଇ ପାରିବେ। କିନ୍ତୁ ମା'ଙ୍କ ପ୍ରସାଦ ମିଳିବନି । ପ୍ରସାଦ ପାଇଁ ଅନ୍ୟତ୍ର ବ୍ୟବସ୍ଥା କରାଯିବ। ଏସ୍‌ପିଙ୍କ ନେତୃତ୍ୱରେ ୨ ଅତିରିକ୍ତ ଏସପି, ୨ ଡିଏସ୍‌ପି, ୬ ଆଇଆଇସି, ୩୦ ଏସଆଇ ଓ ଏଏସଆଇ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଏହାସହ ୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ଏଏସ୍‌ପି ଶଶାଙ୍କ ବେଉରା ସୂଚନା ଦେଇଛନ୍ତି ।



ପବିତ୍ର ମହାଳୟା ତଥା ପିତୃପକ୍ଷ ଶ୍ରାଦ୍ଧ ଅବସରରେ ବିନ୍ଦୁସାଗର କୂଳରେ ପିଣ୍ଡଦାନ କରୁଛନ୍ତି ଦୁର୍ଗା ଚରଣ ଷଡ଼ଙ୍ଗୀ ଓ ପତ୍ନୀ। (ଫଟୋ : ସମ୍ବାଦ କଳିକା)

# ଇନ୍ଦିରା ପଟ୍ଟନାୟକ ଜଣେ ମହିୟସୀ ମହିଳା ଥିଲେ : ଡ. ସାମନ୍ତ



**ଭୁବନେଶ୍ୱର, ୨୧/୯**
**ନ୍ୟୁଜ ବ୍ୟୁରୋ**

ଇନ୍ଦିରା ପଟ୍ଟନାୟକ ଜଣେ ଆଦର୍ଶ ମହିୟସୀ ମହିଳା ଥିଲେ ବୋଲି ଭୁବନେଶ୍ୱରରେ ଅନୁଷ୍ଠିତ ଶୋକସଭାରେ ପୂର୍ବତନ ସାଂସଦ ତଥା କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ଡ. ସାମନ୍ତ ଆହୁରି କହିଥିଲେ ଯେ ଇନ୍ଦିରା ପଟ୍ଟନାୟକ ଜଣେ ପରୋପକାରୀ, ଧର୍ମପରାୟଣା, ମିଷ୍ଟଭାଷୀ, କର୍ତ୍ତବ୍ୟପରାୟଣା, ନୀତିନିଷ୍ଠ ଓ ସ୍ୱାମୀ ପରାୟଣା ମହିଳା କହିବା ସହିତ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଳି ଜଣାଇଥିଲେ। ଏଥିରେ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ପୌରହିତ୍ୟ କରି ଓଡିଶାର ବରିଷ୍ଠ ସାମ୍ବାଦିକ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କର ଜଣେ ଆଦର୍ଶ ସହଧର୍ମିଣୀ ଇନ୍ଦିରା ପଟ୍ଟନାୟକ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜାତୀୟ ଭାଷା ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ, ବରିଷ୍ଠ ସାମ୍ବାଦିକ ସ୍ତମ୍ଭକାର ଅଶୋକ ପାଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ତନ୍ମୟ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବି ଅନିଲ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଇନ୍ଦିରା ପଟ୍ଟନାୟକ ରାଜ୍ୟ ଗୃହିଣୀ ସମାଜର ସମ୍ପାଦକ ଓ ଅନ୍ୟାନ୍ୟ ବହୁ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସେ ସର୍ବଦା ନିଜକୁ ସାମିଲ କରି ଏ ଅଞ୍ଚଳର ବେଶ ଜନପ୍ରିୟ ହୋଇ ପାରିଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଇନ୍ଦିରା ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

# ଓଡ଼ିଶାରେ ପ୍ରତି ୧ହଜାର ଲୋକରେ ଜଣେ ଡାକ୍ତର ରହିବା ଆବଶ୍ୟକ: ବାଚସ୍ପତି

## ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟ ଆମର ସଙ୍କଳ୍ପ: ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୧।୯**
**ନ୍ୟୁଜ ବ୍ୟୁରୋ**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରାମର୍ଶ ଅନୁସାରେ ଆମ ରାଜ୍ୟରେ ପ୍ରତି ୧ହଜାର ଲୋକମାନଙ୍କ ପାଇଁ ଜଣେ ଡାକ୍ତର ରହିବାର ଆବଶ୍ୟକତା ରହିଛି। ଏହାଛଡ଼ା ରାଜ୍ୟରେ ବର୍ତ୍ତମାନ ଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ସହିତ ତାଲିମପ୍ରାପ୍ତ ପାରାମେଡ଼ିକ୍ ମାନବ ସମ୍ବଳ ତିଆରି କରି ଆମର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବାର ଆବଶ୍ୟକ ବୋଲି ବାଚସ୍ପତି ସୁରମା ପାଢୀ ମତବ୍ୟକ୍ତ କରିଛନ୍ତି।

ରବିବାର ଦିନ 'ଇଣ୍ଡସ୍ ଭ୍ୟାଲି ଟାଇମ୍ସ' ଇଂରାଜୀ ଖବର କାଗଜ ଦ୍ୱାରା ଆୟୋଜିତ 'ଭିଜନ ଓଡ଼ିଶା ହେଲ୍‌ଥ କନକ୍ଲେଭ'ରେ ଯୋଗଦେଇ ଶ୍ରୀମତୀ ପାଢୀ କହିଲେ ଯେ ରୋଗ ପର ଚିକିତ୍ସା ଉପରେ ଯେତିକି ଗୁରୁତ୍ୱ ଦିଆଯାଉଛି, ରୋଗ ପ୍ରତିରୋଧ ଓ ନିରୋଗ ରହିବା ଇତ୍ୟାଦି ବିଷୟ ଉପର ମଧ୍ୟ ସମପରିମାଣରେ ଦୃଷ୍ଟି ଦିଆଯାଇପାରିଲେ ସାଧାରଣ ଜନତା ବେଶ୍ ଉପକୃତ ହୋଇପାରିବେ ।

ଏହି କନକ୍ଲେଭ୍‌ରେ ଆଭାସୀ ମାଧ୍ୟମରେ ଯୋଗ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଲେ ଯେ 'ହେଲ୍ଥ ଫର୍ ଅଲ୍' ହେଉଛି ରାଜ୍ୟ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ । ଆଗକୁ ପ୍ରତ୍ୟେକ ଜିଲ୍ଲାରେ ମେଡ଼ିକାଲ କଲେଜ୍ ପ୍ରତିଷ୍ଠା କରି ଜିଲ୍ଲାସ୍ତରେ ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ଘର ନିକଟରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାକୁ ଯାଉଛନ୍ତି। ଏବେ ନିକଟରେ ସରକାର ୯୮ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି କରିବା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଖାଲିଥିବା ଡାକ୍ତରୀ ପଦବୀ ପୂରଣ ପାଇଁ ନିୟମିତ ଭାବେ ନିଯୁକ୍ତି ପ୍ରକିୟା ଜାରି ରଖିଛନ୍ତି । ନିକଟରେ ୧୮୪୦ ଡାକ୍ତର ଓ ୫୦୦୦ ପାରାମେଡିକ୍ ଷ୍ଟାଫ୍ ନିଯୁକ୍ତି ନେଇ ଘୋଷଣା କରିଛନ୍ତି । ଏ ନେଇ ପ୍ରକ୍ରିୟା ଜାରି ରହିଛି । ଏହି ପ୍ରକ୍ରିୟା ସମ୍ପାଦିତ ହେଲାପରେ ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବ୍ୟାପକ ଉନ୍ନତି ଆସିବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ତାଙ୍କ ବ୍ୟକ୍ତବ୍ୟରେ ରାଜ୍ୟର ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ମୋହନ ଚରଣ ମାଝୀ ସରକାର ନେଇଥିବା ଅନେକ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିବା ସହିତ ଆୟୁଷ୍ମାନ ଯୋଜନାର ଉପକାରିତା ଉପରେ ଆଲୋଚନା କରିଥିଲେ ।

ଓଡ଼ିଶାର ପୂର୍ବତନ ଅର୍ଥ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ତାଙ୍କ ମନ୍ତ୍ରିତ୍ୱକାଳରେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି କିପରି ଉନ୍ନତି ହୋଇଥିଲା ସେ ସମ୍ପର୍କରେ ଅବଗତ କରିବା ସହିତ ରାଜ୍ୟରେ ଖାଲିଥିବା ଡାକ୍ତରୀ ଓ ଅନ୍ୟାନ ପଦବୀ ଗୁଡିକ ପୂରଣ ଉପରେ ଗୁରତ୍ୱ ପ୍ରଦାନ କରିଥିଲେ ।

ବିଜୁ ଜନତା ଦଳ ବିଧାୟକ ରୂପେଶ ପାଣିଗ୍ରାହୀ ଓ କଂଗ୍ରେସ୍ ବିଧାୟକ ପବିତ୍ର କୁମାର ସାଉଁଟା ସେମାନ ନିଜନିଜ ଅଞ୍ଚଳର ସ୍ୱାସ୍ଥ୍ୟସେବା ଓ ସମସ୍ୟା ଉପରେ ଆଲୋଚନା କରିବା ସହିତ ସରକାରଙ୍କୁ ଗରିବ ଜନସାଧାରଣଙ୍କୁ ଉପଯୁକ୍ତ ଚିକିତ୍ସା ଠିକ୍ ସମୟରେ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ସମ୍ବାଦିକ ଅକ୍ଷୟ କୁମାର ସାହୁ ଏହି କନ୍‌କ୍ଲେଭର ବିଷୟବସ୍ତୁ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ ଏହି କନ୍‌କ୍ଲେଭ୍‌ରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ ସମ୍ମାନିତ ହୋଇଥିଲେ। ଏହାଛଡ଼ା ଓଟିଭିର ସମ୍ବାଦିକ ସୌମ୍ୟରଂଜନ ସାହୁ, ନ୍ୟୁଜ୍ ୧୮ ଓଡ଼ିଆର ସାମ୍ବାଦିକ ଅଜେଶ୍ କୁମାର ମଲ୍ଲିକ୍, ସମାଜସେବୀ ଘାସିରାମ ଅଗ୍ରୱାଲ, ବିକାଶମୂଳକ କାର୍ଯ୍ୟ ଲାଗି ତ୍ରିପତି ରାଜଗୁରୁ ଓ ନାଟ୍ୟକାର ଡକ୍ଟର ଅରୁଣ କୁମାର ନାୟକଙ୍କୁ ସେମାନଙ୍କ କୃତିତ୍ୱ ଲାଗି ସମ୍ମାନିତ କରାଯାଇଥିଲା।

# ପୁରୀରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ : ତିଳତର୍ପଣ କଲେ ହଜାର ହଜାର ଶ୍ରଦ୍ଧାଳୁ

**ପୁରୀ, ୨୧/୯ ନ୍ୟୁଜ ବ୍ୟୁରୋ**

ରବିବାର ପବିତ୍ର ମହାଳୟା ଅବସରରେ ଚଳଚଞ୍ଚଳ ଶ୍ରୀକ୍ଷେତ୍ର । ଏହି ଦିନରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ସ୍ୱର୍ଗପ୍ରାପ୍ତି ହେବା ସହ ମୋକ୍ଷ ପ୍ରାପ୍ତି ହେବାର ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏଥିପାଇଁ ସକାଳୁ ସକାଳୁ ହଜାର ଶ୍ରଦ୍ଧାଳୁ ପୁରୀ ଆସି ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି। ଶ୍ରୀମନ୍ଦିର ଉତ୍ତର ଦ୍ୱାର, ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସହ ପିତୃ ପୁରୁଷଙ୍କୁ ମନେ ପକାଇଛନ୍ତି ପରିଜନ । ଆଶ୍ୱିନ ମାସର ପ୍ରଥମ ପକ୍ଷ ପିତୃପକ୍ଷ ନାମରେ ଜଣା। ଏହି ପକ୍ଷର ମହାଳୟା ଅମାବାସ୍ୟା ନାମରେ ପାଳିତ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ ମଧ୍ୟ କୁହାଯାଏ । ଚତୁର୍ଦ୍ଦଶୀ ଯାଏଁ ତର୍ପଣ କଲାପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡ଼େ ତାହା ମହାଳୟା ଅମାବାସ୍ୟା । ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା, ଏହି ୧୫ ଦିନ ମଧ୍ୟରେ ଜଣେ ଯେକୌଣସି ଦିନ ଶ୍ରାଦ୍ଧ ଦେଇପାରେ, ଏଥିପାଇଁ ଏହାକୁ ପିତୃପକ୍ଷ କୁହାଯାଏ । ତେବେ ଏହି ପକ୍ଷର ଶେଷ ଦିନକୁ ମହାଳୟା କୁହାଯାଏ । ଶ୍ରୀମନ୍ଦିରର ବାଇଶି ପାହାଚରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ପାଇଁ ଶ୍ରୀମନ୍ଦିରରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷର ଅନ୍ତିମ ତିଥିରେ ପିଣ୍ଡଦାନ କରିବାର ବିଶେଷ ମହତ୍ତ୍ୱ ରହିଛି। ଏହାଛଡ଼ା ପିତୃପକ୍ଷ ତିଥିରେ ପିଣ୍ଡଦାନ କରିପାରିନଥିବା ଶ୍ରଦ୍ଧାଳୁ ମାନେ ରବିବାର ପିଣ୍ଡଦାନ କରି ପୂର୍ବ ପୁରୁଷଙ୍କୁ ଶ୍ରାଦ୍ଧ ପ୍ରଦାନ କରିଛନ୍ତି । ତେବେ ବହୁସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରରେ ଏହି ପିଣ୍ଡଦାନ କରି ନିଜକୁ ଧନ୍ୟ ମନେ କରିଛନ୍ତି । ମହାଳୟାକୁ ଓଡ଼ିଆଙ୍କ ଘରେ ଘରେ ବେଶ୍ ଆନନ୍ଦ ଉତ୍ସାହର ସହ ପାଳନ କରାଯାଇଛି । ବିଶେଷ କରି ପିତୃ ପୁରୁଷଙ୍କୁ ସ୍ମରଣ କରିବାର ଏହି ବିଶେଷ ତିଥି ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ହୋଇଥିଲା।

ପଣ୍ଡିତ ଦୟାନିଧି ପଣ୍ଡା କୁହନ୍ତି, 'ପବିତ୍ର ମହାଳୟାରେ ପିତୃଲୋକଙ୍କୁ ଶ୍ରାଦ୍ଧ ତର୍ପଣ କରିଥାଉ । ନିଜ ପିତୃଲୋକଙ୍କୁ ଶ୍ରାଦ୍ଧ ଦିଆଯିବା ସହ ଋଷି ଲୋକ ଓ ଦେବ ଲୋକଙ୍କୁ ମଧ୍ୟ ଶ୍ରାଦ୍ଧ ତର୍ପଣ କରାଯାଏ । ପିତୃଲୋକରେ ଆଲୋକ ନ ଥାଏ । ସେଠାରେ ଅନ୍ଧାର ଥାଏ। ଖାଦ୍ୟର ବ୍ୟବସ୍ଥା ନ ଥାଏ । ସେଥି ପାଇଁ ପିତୃ ଲୋକ ମାନେ ଅପେକ୍ଷାରେ ଥାଆନ୍ତି ମହାଳୟାରେ ନିଜ ଦାୟାଦ ମାନେ ପିଣ୍ଡ ପ୍ରଦାନ କରିବେ। ରବିବାର ସେଥିପାଇଁ ନିଜ ପିତା, ମାତାଙ୍କ ତିନି ପୁରୁଷକୁ ଶ୍ରାଦ୍ଧ ତର୍ପଣ ସହିତ ପିଣ୍ଡଦାନ କରାଯାଏ। ଅଟାରେ ଚକଟା ହୋଇ ପିଣ୍ଡ ପ୍ରଦାନ କରାଯାଏ । ନିଜ ପିତୃ ପୁରୁଷଙ୍କୁ ତାଙ୍କର ସନ୍ତାନ ମାନେ ତିଳ ତର୍ପଣ ଦେଇ ମୁକ୍ତି ପ୍ରଦାନ କରିଥାନ୍ତି । ତେବେ ତୀର୍ଥକ୍ଷେତ୍ର ପବିତ୍ର ହୋଇ ଥବାରୁ ଏଠାରେ ପିଣ୍ଡଦାନ ପାଇଲେ ସେମାନେ ମୁକ୍ତି ପାଇଥାଆନ୍ତି । ଏହି ଅବସରରେ ବ୍ରାହ୍ମଣ ମାନଙ୍କୁ ଭୋଜନ ଦେଲେ ପିତୃ ଲୋକ ମାନେ ଶାନ୍ତି ପାଇଥାନ୍ତି। ଏଣୁ ପ୍ରତ୍ୟେକ ସନ୍ତାନ ମାନେ ନିଜ ପିତୃପୁରୁଷଙ୍କୁ ମହାଳୟାରେ ଶ୍ରାଦ୍ଧ ତର୍ପଣ ସହ ପିଣ୍ଡଦାନ ଅବଶ୍ୟ କରିବା ଉଚିତ୍ ।



# ନିମାପଡ଼ା, ଗୋପ ଦେଇ ଯିବ କୋଣାର୍କ-ଭୁବନେଶ୍ୱର ନୂଆ ରେଳପଥ

**ଭୁବନେଶ୍ୱର,୨୧/୦୯**
**ନ୍ୟୁଜ ବ୍ୟୁରୋ**

ନିମାପଡ଼ା ଓ ଗୋପ ଦେଇ ଭୁବନେଶ୍ୱରରୁ କୋଣାର୍କ ନୂଆ ରେଳଲାଇନ୍ ଯିବ । ଏଥିପାଇଁ ଫାଇନାଲ୍ ଲୋକେସନ୍ (ଚୂଡ଼ାନ୍ତ ସ୍ଥାନ) ସର୍ଭେ କରିବାକୁ ରେଳ ମନ୍ତ୍ରଣାଳୟର ଅନୁମୋଦନ ମିଳିଛି। ଅନୁମୋଦନ ମିଳିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ନିମାପଡ଼ା ଓ ଗୋପ ଦେଇ ଭୁବନେଶ୍ୱରରୁ କୋଣାର୍କ ନୂଆ ରେଳଲାଇନ୍ ନେବା ବାବଦରେ ଶ୍ରୀମତୀ ପରିଡା ଗତ ଜୁଲାଇ ୨୮ରେ ରେଳମନ୍ତ୍ରୀ ଅଶ୍ୱିନୀଙ୍କୁ ଚିଠି ଲେଖିଥିଲେ । ଚିଠି ପାଇବା ପରେ ଆବଶ୍ୟକ ପଦକ୍ଷେପ ନେବା ସହ ଏବେ ଭୁବନେଶ୍ୱର-କୋଣାର୍କ ନୂଆ ରେଳଲାଇନ୍ ନିମାପଡ଼ା ଓ ଗୋପ ଦେଇ ଯିବ ବୋଲି ସୂଚନା ଦେଇଛନ୍ତି । ଏଥିପାଇଁ ସେ ରେଳମନ୍ତ୍ରୀ ଅଶ୍ୱିନୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୋସିଆଲ୍ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ, ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ କେବଳ ରାଜଧାନୀ ଓ ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ମଧ୍ୟରେ ରେଳ ସଂଯୋଗ ସ୍ଥାପନ କରିବ ନାହିଁ ବରଂ ଏହା ମୋ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିମାପଡ଼ା ଓ ଗୋପବାସୀଙ୍କ ପାଇଁ ମଧ୍ୟ ଆଶୀର୍ବାଦ ସାବ୍ୟସ୍ତ ହେବ। ଏହି ନୂଆ ରେଳଲାଇନ୍ ସ୍ଥାନୀୟ ଅର୍ଥନୀତି ଏବଂ କୃଷି କ୍ଷେତ୍ର ପାଇଁ ସହାୟକ ହେବା ସହ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ଓ ଶିକ୍ଷା ସେବା ସୁବିଧାରେ ପାଇପାରିବେ । ବିଶେଷ କରି ସ୍ଥାନୀୟ ଗମନାଗମନ ଏବଂ ପର୍ଯ୍ୟଟନ ପାଇଁ ଏହି ପ୍ରକଳ୍ପ ବେଶ ଲାଭଜନକ ସାବ୍ୟସ୍ତ ହେବ । ଏହି ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ପାଇଁ ଶ୍ରୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ କୋଣାର୍କ-ଭୁବନେଶ୍ୱର ରେଳପଥକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରି ମିଳବା ଦ୍ୱାରା ନିମାପଡ଼ା ଓ ଗୋପ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ମଧ୍ୟ ସୁଗମ ହୋଇପାରିବ ।



# ବାଣ ଗୋଦାମରେ ବିସ୍ଫୋରଣ: ଦୁଇ ମୃତ

**ହରଭଙ୍ଗା, ୨୧/୯ ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଜିଆକଟା ଗାଁରେ ଥିବା ବାଣ ଗୋଦାମରେ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ଜଣ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତରଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୋଦାମ ଘର ଛାତ ମଧ୍ୟ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଅନ୍ୟପଟେ ଏଭଳି ବଡ଼ଧରଣର ବିସ୍ଫୋରଣ ଯୋଗୁଁ ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ମାର୍କେଟରେ ଅନେକ ଗାଡି ସୋରୁମ ସହିତ ଦୋକାନ ଘର କାଚ ଭାଙ୍ଗିଥିବା ଦେଖିବାକୁ ମିଳିଛି । ଖବର ପାଇ ହରଭଙ୍ଗା ଅଗ୍ନିଶମ ବାହିନୀ ଏବଂ ପୁରୁଣା କଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି। ଏଭଳି ଘଟଣା ପରେ ସମ୍ପୃକ୍ତ ଗାଁରେ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ଦୁର୍ଗାପୂଜା ପାଇଁ ବିଏମ୍‌ସିର ମାର୍ଗଦର୍ଶିକା

# କଦଳୀପତ୍ର, ଶାଳପତ୍ର, ମାଟି ପାତ୍ର ଆଦି ବ୍ୟବହାର କରିବାକୁ ପରାମର୍ଶ



**ଭୁବନେଶ୍ୱର,୨୧/୦୯**
**ନ୍ୟୁଜ ବ୍ୟୁରୋ**

ଦୁର୍ଗା ପୂଜା ପାଇଁ ମାର୍ଗଦର୍ଶିକା ଜାରି କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) । ପରିବେଶ ସୁରକ୍ଷାକୁ ଦୃଷ୍ଟି ଦେଇଛି । ଏଥିପାଇଁ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷିଦ୍ଧ କରିଛି । ମୂର୍ତ୍ତିରେ ବ୍ୟବହୃତ ଫୁଲକୁ ବିଏମ୍‌ସିର ସ୍ୱତନ୍ତ୍ର ଗାଡ଼ିରେ ଦେବାକୁ କୁହାଯାଇଛି । ପୂଜା ମଣ୍ଡପର ୫ ମିଟର ଚତୁଃପାର୍ଶ୍ୱକୁ ସଫେଇ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମଣ୍ଡପର ନିରାପତ୍ତା ଓ ସୁରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ସିକ୍ୟୁରିଟି କର୍ମୀ ମୁତୟନ କରିବାକୁ ନିର୍ଦ୍ଦେଶ ହୋଇଛି । କମିଶନରେଟ ପୁଲିସର ବିନା ଅନୁମତି କୌଣସି ବି ମଣ୍ଡପ ପକ୍ଷରୁ ଡାକବାଜି ଯନ୍ତ୍ର ବାଜି ପାରିବନି। ଏପରି ମାର୍ଗଦର୍ଶିକା ଜାରି କରିଛି ବିଏମ୍‌ସି। ପ୍ରସାଦ ସେବନ ପାଇଁ ଜୈବ ବିଘଟନ ଯୋଗ୍ୟ ଠୁଙ୍ଗା, ଖଲିର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। କଦଳୀପତ୍ର, ଶାଳପତ୍ର, କାଗଜ ପତ୍ର, କପ୍, ମାଟି ପାତ୍ର ଆଦି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ପ୍ରକାରର ଥର୍ମକୁଲ, ଏକକ ବ୍ୟବହାର ବା ନିଷିଦ୍ଧ ପାତ୍ରରେ ପ୍ରସାଦ ବଣ୍ଟନ ହୋଇପାରିବ ନାହିଁ ବୋଲି କଡ଼ା ଚେତାବନୀ ଦିଆଯାଇଛି। ମୂର୍ତ୍ତିରେ କୌଣସି ପ୍ରକାରର ପ୍ଲାଷ୍ଟିକ୍ ଆଭୁଷଣର ବ୍ୟବହାର ହୋଇପାରିବ ନାହିଁ। ପୂଜା ମଣ୍ଡପ ପାଖରେ ବଡ଼ ଡଷ୍ଟବିନ୍ ରଖାଯିବ। ସବୁଦିନ ସଂଗୃହୀତ ଅଳିଆକୁ ସଫେଇ ଗାଡ଼ିରେ ଦିଆଯିବ। ବିଏମ୍‌ସି ଦ୍ୱାରା ପ୍ରସ୍ତୁତ ଅସ୍ଥାୟୀ ପୁଷ୍କରିଣୀରେ ମୂର୍ତ୍ତି ବିସର୍ଜନ କରାଯିବ।

# ପାର୍ବଣରେ ଦୁଇ କୋଟି ଟପିପାରେ ଫୁଲ ବ୍ୟବସାୟ

## ଚାହିଦାରେ ଗେଣ୍ଡୁ, ମନ୍ଦାର, ପଦ୍ମ, ଅପରାଜିତା

**କଟକ ୨୧/୦୯**
**ନ୍ୟୁଜ ବ୍ୟୁରୋ**

ଦଶହରା ଅବସରରେ ବିଭିନ୍ନ ପୀଠମାନଙ୍କରେ ଦେବୀ ଦୁର୍ଗାଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଗଲାଣି । ଷୋଡ଼ଶ ଦିନାତ୍ମକ ପୂଜାରେ ମା'ଙ୍କ ବିଭିନ୍ନ ବେଶ କରାଯାଉଛି । ଏହି ଅବସରରେ ପାଖରେ ବିଭିନ୍ନ ପ୍ରକାରର ଫୁଲ ଲାଗି ହେଉଛି । ଦେବୀ ଦୁର୍ଗାଙ୍କ ସହିତ ମନ୍ଦିର ଓ ପୂଜା ମଣ୍ଡପ ଗୁଡ଼ିକୁ ସୁସଜ୍ଜିତ କରାଯାଉଛି । ଆଉ ଏହି ସବୁ ଫୁଲ ସହରରେ ଥିବା ହୋଲସେଲ୍ ଫୁଲ ଦୋକାନୀ ଗୁଡ଼ିକ ଯୋଗାଉଛନ୍ତି। ବିଶେଷକରି ଦଶହରାରେ ଗେଣ୍ଡୁ, ମନ୍ଦାର, ପଦ୍ମ, ଅପରାଜିତା ଓ ମଲ୍ଲୀ ଗଜରା ଇତ୍ୟାଦି ଫୁଲର ଚାହିଦା ଢ଼େର ଅଧିକ ଅଛି । ଏହି ସବୁ ଫୁଲ ବିଶେଷକରି କୋଲକାତାରୁ ଆସେ । ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପାର୍ବଣ ସମୟରେ ସହରରେ ଥିବା ଫୁଲ ବଜାରରେ ବ୍ୟବସାୟ ଭଲ ଜମିବ ବୋଲି ଏବେଠୁ ବ୍ୟବସାୟୀମାନେ ଆଶା ବାନ୍ଧି ରହିଛନ୍ତି। ଏପରିକି ଏହି ବେପାର ଦୁଇ କୋଟି ଟଙ୍କା ଟପିବ ବୋଲି ଫୁଲ ବ୍ୟବସାୟୀମାନେ ଆକଳନ କରିଛନ୍ତି। ରାଜ୍ୟରେ ଫୁଲ ଚାଷ ବିଶେଷ ମାତ୍ରାରେ ହେଉ ନ ଥିବାରୁ ବ୍ୟବସାୟୀମାନେ ବାହାର ରାଜ୍ୟ ଉପରେ ନିର୍ଭର ରହୁଛନ୍ତି ବୋଲି ବ୍ୟବସାୟୀମାନେ କହିଛନ୍ତି । ସହରରେ ବିଶେଷକରି ଲିଙ୍କ୍‌ରୋଡ୍, ବାଦାମବାଡ଼ି, ମଧୁପାଟଣା, ବକ୍ସିବଜାର ଆଦି ଅଞ୍ଚଳରେ ପାଖାପାଖି ଶହେରୁ ଅଧିକ ଫୁଲର ହୋଲସେଲ୍ ଦୋକାନ ରହିଛି । ପ୍ରତ୍ୟେକ ଦିନ ଏହି ଦୋକାନ ଗୁଡ଼ିକୁ ବିଭିନ୍ନ ରାଜ୍ୟରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଫୁଲ ବିକ୍ରି ହେବାକୁ ଆସେ । ରିଟେଲ୍ ଦୋକାନ ଗୁଡ଼ିକ ଏହିଠାରୁ ଫୁଲ ନେଇ ସହରର ବିଭିନ୍ନ ଜାଗାରେ ବେପାର କରନ୍ତି । ପୂଜାଆଗରୁ ମନ୍ଦିର ଓ ମଣ୍ଡପ ଗୁଡ଼ିକୁ ବିଭିନ୍ନ ଫୁଲରେ ସୁସଜ୍ଜିତ କରିବା ପାଇଁ ଏବେ ଠାରୁ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଏବଂ ବିଭିନ୍ନ ପୂଜା କମିଟି ପକ୍ଷରୁ ବ୍ୟବସାୟୀମାନଙ୍କୁ ଆଗୁଆ ଅର୍ଡର ଆସିଲାଣି । ଫୁଲ ପାଇଁ ବିଶେଷକରି କୋଲକାତା, ରାୟପୁର, ଦିଲ୍ଲୀ, ବେଙ୍ଗାଲୁର ଆଦି ସହର ଉପରେ ବ୍ୟବସାୟୀମାନେ ନିର୍ଭରଶୀଳ ହେବାକୁ ପଡୁଛି । ଏହି ସବୁ ସହରମାନଙ୍କରୁ ରଜନୀଗନ୍ଧା, ଜୁଇ, ଜବା, ମନ୍ଦାର, ଅପରାଜିତା, ଚନ୍ଦ୍ରମଲ୍ଲୀ, ମୋତି, ପଦ୍ମ, ଚମ୍ପା, କନିଅର ଓ ମଲ୍ଲୀ ଗଜରା ଇତ୍ୟାଦି ବିଭିନ୍ନ ପ୍ରକାରର ଫୁଲ ଆସେ । ରାଜ୍ୟର କୋରାପୁଟ, ସମ୍ବଲପୁର, ବରଗଡ଼, ବାଙ୍କୀ ଓ ରଘୁନାଥପୁର ଅଞ୍ଚଳରୁ ଟଗର, ମନ୍ଦାର, ଗେଣ୍ଡୁ ଓ କନିଅର ଆଦି ଫୁଲ ଅଳ୍ପ ଆସେ । ଆଉ ପ୍ରତ୍ୟେକ ଦୋକାନୀ ୩ରୁ ୪ ଲକ୍ଷ ଟଙ୍କାର ଫୁଲ ପ୍ରତ୍ୟେକ ଦିନ ରଖନ୍ତି ।



ଏ ସଂପର୍କରେ ଫୁଲ ବ୍ୟବସାୟୀ ମାନବେନ୍ଦ୍ର ସର୍ଦ୍ଦାର କହିଛନ୍ତି, ସହରରେ ଯେତେ ପୂଜା ପାର୍ବଣ ରହିଛି ଦଶହରା ସମୟରେ ଅଧିକ ଫୁଲର ବ୍ୟବସାୟ ହୁଏ। ପ୍ରତ୍ୟେକ ଦିନ ଦୁଇ ଥର ଫୁଲ ଗାଡ଼ି ଆସୁଥିବା ବେଳେ ପାର୍ବଣ ବେଳେ ବ୍ୟବସାୟୀମାନେ ଦିନକୁ ୩ ଥର ଫୁଲ ଗାଡ଼ି ମଗାନ୍ତି ବୋଲି ସେ କହିଛନ୍ତି । ଅନ୍ୟ ଜଣେ ବ୍ୟବସାୟୀ ଉମାକାନ୍ତ ପଣ୍ଡା କହିଛନ୍ତି, ମୁଁ ୨୦୦୪ ମସିହାରୁ ସହରରେ ଫୁଲ ବ୍ୟବସାୟ କରୁଛି । ଆଗରୁ ଏତେ ମାତ୍ରାରେ ବ୍ୟବସାୟ ହେଉ ନ ଥିଲା । କିନ୍ତୁ ବିଗତ ୮ ବର୍ଷ ହେବ ଦଶହରା ସମୟରେ ଫୁଲର ଚାହିଦା ଏତେ ମାତ୍ରାରେ ବଢ଼ିଛି ଯେ ପୂଜା ସମୟରେ ବିଭିନ୍ନ ରାଜ୍ୟରୁ ୨୦ରୁ ଅଧିକ ପିକ୍‌ଅପ୍ ଭ୍ୟାନ୍, ଆଇଚର ଓ ଟ୍ରକ୍‌ରେ ଫୁଲ ଗାଡ଼ି ଆଣିବାକୁ ପଡୁଛି।